# ଖୁଦୁରୁକୁଣୀ

## *khudurukuNI - taapoi oShA*




www.odia.org

# ଖୁଦୁରୁକୁଣୀ

*Festivals of Odisha #**102***
***ver 1.0_061607***

*Publisher :- www.odia.org*
*Price :- Priceless*

*Not for any business use*

# ବୃହତ୍ ତଅପୋଇ
## ବା
## ଖୁ ଦୁ ରୁ କୁ ଣୀ ଓ ଷା
### ପ୍ରଥମ ଅଧ୍ୟାୟ

ବନ୍ଦଇ ଦେବ ଜଗନ୍ନାଥ । କମଳା ଦେବୀର ସଙ୍ଗାତ
ଲକ୍ଷ୍ମୀ ଦେବୀର ପ୍ରାଣନାଥା । ଶୋଭଇ ଶଙ୍ଖ ଚକ୍ର ବାହା
ଅଶେଷ ବ୍ରହ୍ମାଣ୍ଡ ଠାକୁର । ବସନ୍ତି ଦ୍ୱାରକା ନଗର
ଧନ୍ୟ ସେ ଦ୍ୱାରକା ମହିମା । ନିର୍ମାଣ କଲା ବିଶ୍ୱକର୍ମା
ଅଠର ବଂଶ ଲୋକ ସର୍ବେ । ଅଛନ୍ତି ପ୍ରଭୁ ସଙ୍ଗେ ନେଇ
ସମସ୍ତେ ବିଷ୍ଣୁ ର କୁଟୁମ୍ବ । ସକଳ ସମ୍ପଦ ଆରମ୍ଭ
ଅଛିଲେ ବହୁ ସୁତାସୁତ । କୁଟୁମ୍ବ ହୋଇଲେ ବହୁତ
କୃଷ୍ଣର ବହୁତ ସୁବଂଶ । ବତିଶ ସହସ୍ର ଅଛନ୍ତି
କୋଟିଏ ଲେଖାଏଁ ନନ୍ଦଣା । ଏଥୁ ଅଧିକ କୁହେଁ ଜଣା
ଦୁହିତା ଜନକୋଟି ଜାତ । ଏମନ୍ତେ କୁଟୁମ୍ବ ବହୁତ
ରଜା ଭଣ୍ଡିରେ ଉଗ୍ରସେନ । ମନ୍ତ୍ରୀ ଯାଦବ ଜନେଜଣ
ଶ୍ରୁତେଣ ପରଜା ପାଳନ୍ତି । ବଳିଷ୍ଠ ଦୁର୍ବଳ ଅଛନ୍ତି
ସବୁରି ଘରେ ଶୁଭ ସ୍ୱର୍ଣ୍ଣ । ସମସ୍ତେ କୁବେର ସମାନ
ସାଧବ ଓଷା ବାରବ୍ରତ । ସେ ପୁରେ ଅଛଇ ସମସ୍ତ
ଆପେ ମନୁଷ୍ୟ ଦେହ ଧରି । ମେଦିନୀ ପାପ ନାଶ କରି
ସହିଁ ବଳିଷ୍ଠ ଯଦୁବଂଶ । ଉର୍ଣ୍ଣିକ ବସ ଦେବା ଲକ୍ଷ
ଆଶ୍ୱିନ କାର୍ତ୍ତିକ ହୋଇଲା । ମାର୍ଗଶିର ସେ ପ୍ରବେଶିଲା
ତା ଅନ୍ତେ ପୌଷ ମାଘ ଲେଖ । ଫାଲ୍ଗୁନ ଚୈତ୍ରସେ ବୈଶାଖ
ଜ୍ୟେଷ୍ଠ ଆଷାଢ଼ ସେ ଶ୍ରାବଣ । ଭାଦ୍ରବ ମାସ ହୁଏ ପୁଣ
କୃଷ୍ଣ ପ୍ରତିପଦା ତିଥିର । ସେଦିନ ହୁଅଇ ରବିବାର
ଖୁଦୁରୁକୁଣୀ ନାମେ ଓଷା । ହୋଇଲା ସେଦିବନ ଜଣା
ରୁକ୍ମଣୀ ଯୋଡ଼ି ବେନିକର । ବୋଇଲେ ଶୁଣ ଚକ୍ରଧର

ଆଦିତ୍ୟ ବାର ଆଜ ହୁଏ । ହୋଇବ ମଙ୍ଗଳା ଓଷାଏ
ଖୁଦୁରୁକୁଣୀ ନାମ ତାର । ପୂଜିଲେ ମଙ୍ଗଳ ଅପାର
ସତ୍ୟ ଯୁଗରେ ସେ ମଙ୍ଗଳା । ଶ୍ରୀଅଙ୍କୁ ପାଇ ଗିରିବାଳା
ମାତାଙ୍କୁ ମାଗିଲେ ସେ ବର । ଏ ଓଷା ହୋଇବ ଆମ୍ଭର
ପ୍ରସନ୍ନ ହୋଇ ବର ଦେବା । ଅସ୍ତୁ ବୋଇଲେ ତାଙ୍କୁ ସଦା
ସେ ଜନ୍ମୁ ଏ ଓଷା ସମ୍ଭୂତ । ବାଳିକାମାନଙ୍କର ମତ
ପ୍ରସନ୍ନ ବଦନ ମଙ୍ଗଳା । ବାଳିକାମାନଙ୍କର ଲୀଳା
ଏଥକୁ ଆଜ୍ଞା ହେଲେ ହରି । ପୂଜିବେ ସୁବେଶ ବାଳ ନାରୀ
ଶ୍ରୀକୃଷ୍ଣ ବୋଇଲେ ମୃଗାକ୍ଷୀ । ପୂର୍ବରୁ ଯେବେ ବିଧି ଅଛି
ଆମ୍ଭେ ତା ନ କରିବା ନାହିଁ । ବାଳିକା ପୂଜା ସେ କରନ୍ତି
ଶୁଣି ରୁକ୍ମଣୀ ହେଲେ ତୋଷ । ଆଶ୍ରମେ ହୋଇଲେ ପ୍ରବେଶ
ବିବିଧ ବର୍ଣ୍ଣେ ନାନାପୁଷ୍ପ । ମଣ୍ଡିଲେ ଦାସୀ ଚଉପାଶ
ଅନେକ ପୁଷ୍ପ ମାଳ ମାଳ । ରଚି ରୁକ୍ମଣୀ ତତ କାଳ
ଲିପିଣ ମୁକୁଳ ପାଡ଼ିଲେ । ସୁବର୍ଣ୍ଣ କୁମ୍ଭ ବସାଇଲେ
ଫଳ ଉପାଧାନ କରି । ସୁବର୍ଣ୍ଣ ଭୃଙ୍ଗାରେ ଭରି
ଥୋଇଲେ ଧବଳ ସନ୍ଧେ । ଅନେକ ଦୀପାବଳୀ ମଧ୍ୟେ
ଯେତେକ ଓଷ ର ସେ ବିଧି । ଯେତେକ ଦ୍ରବ୍ୟ କଲେ ସିଦ୍ଧି
ବସିଲେ ବାଳିକା ସୁବେଶ । ହସ୍ତରେ ପୁଷ୍ପାଞ୍ଜଳି ଧରି
ଆବୋରି ବସିଲେ ସମସ୍ତେ । ଅଠର ବଂଶଲୋକ ଯେତେ
ଶ୍ରୀପ୍ରିୟା ସେ ମଧୁବର୍ଣ୍ଣ ବାମା । ରୁକ୍ମଣୀ ଲୀଳା ସତ୍ୟଭାମା
ସେ ଲଳନା ମାଳ ସେ ଭୂଷଣା । ସୁକେଶୀ ଚଞ୍ଚଳ ଖଞ୍ଜନା
ମନ୍ତ୍ରୁଆ ସେବଣି କୁଙ୍କୁମ । ସବୁଆ ତୁଳସୀ ଉତ୍ତମ
ଚନ୍ଦ୍ରା ହେ ସେବଣି ପାଟଣି । ବିମଳା ମଦନ ମାଳଣି
କପୋଳ ହଂସ ସେ ସୁମେଧା । ରମ୍ଭା ଶ୍ରୀକୃଷ୍ଣ ପ୍ରିୟ ରାଧା
ଏମନ୍ତେ ଅନେକ ତରୁଣୀ । କେ ତାହା ପାରିବ ବଖାଣି
ଦେବକୀ କୃଷ୍ଣର ଜନନୀ । ବସିଲେ ସବୁ ନାରୀ ଘେନି
କୃଷ୍ଣ ବାଳିକା ସୁତ ନାରୀ । ବସିଲେ ମଙ୍ଗଳା ସୁମରି

ଜୟ ଗୋ ଜୟ ଗୋ ମଙ୍ଗଳା । ଭକ୍ତଙ୍କୁ କୁଶଳ ର ରେଖା
ଜୟ ତୁ ମଙ୍ଗଳା ଉତ୍ତମ । ଆରତ ଭଞ୍ଜନା ତୋ ନାମ
ସଙ୍କଟ ତାରିଣୀ ମଙ୍ଗଳା । ତୁଟିବ ମନର ଦୁଃଖ ମାଳା
ପ୍ରସନ୍ନ ହୁଅ ମହାମାୟେ । ଆମ୍ଭଙ୍କୁ ହୁଅ ଗୋ ସଦୟେ
ସଙ୍କଟ ତାରିଣୀ ମଙ୍ଗଳା । ଭକ୍ତଙ୍କୁ କୃପାକର ହେଳା
ହସ୍ତ ଯୋଡ଼ିଣ ସବୁଦାସ । ଗାନ୍ତି ସମସ୍ତେ ତୁମ ଯଶ
ଏଥୁ ଉତ୍ତାରୁ ଶଙ୍କାବଶ । ଶାଶୁଙ୍କୁ ବଚନ ବୋଲନ୍ତି
କହ ଏ ଓଷା ବିଧି କଥା । ପୁଚ୍ଛନ୍ତି ଯେମନ୍ତେ ବ୍ୟବସ୍ଥା
ବିଧି ବଚନେ କରି ଦୟା । କହନ୍ତି ବସୁଦେବ ପ୍ରିୟା
ପ୍ରଥମେ ଜମ୍ବୁଦ୍ୱୀପେ ସାର । ଦେଖିଛୁ ଲବଣ ସାଗର
ଏ ସକଳ ଦ୍ୱୀପେ ଶୁଭ ପର । ଦେଖିଛୁ କଦମ୍ବ ଆକାର
ବଧି ସମୁଦ୍ର ଚାରି ଦ୍ୱୀପେ । ଲବଣ ସମୁଦ୍ର ସମୀପେ
ସୁରା ସମୁଦ୍ର ଯେ ତହିଁରେ । ଦେଖିଛୁ କ୍ଷୀର ପାରୁଶେର
ଭଦ୍ର ଦ୍ୱୀପରେ ସିନ୍ଧୁ ଶୁଣ । ଦେଖିଛୁ ଯେସନେ ପୁଣ
ଦ୍ୱୀପଙ୍କ ମଧ୍ୟେ ଅଗ୍ରଗିରି । ଦେଖିଛୁ ମେରୁକୁ ଆବୋରି
କିଛିକ ଭେଦେ ହେ ଅନ୍ତର । ଅଛଇ ଏକ ଦ୍ୱୀପାନ୍ତର
ତହିଁରେ ରାଜା ଜଳଧ୍ୱଜ । ବହୁତ ଆୟୁତନ ରାଜ୍ୟ
ସମସ୍ତ ଘରେ ଯେ କୁଶଳ । ଧର୍ମ ସ୍ଥାପିଣ ମହୀପାଳ
ଲଳନାମାନେ ପତିବ୍ରତା । ଉଯୋଗ ଲୋକ ଯେ ଖଟନ୍ତା
ସଭାରେ ଭାର ମିଛ ନାହିଁ । ରାଜ୍ୟକୁ ଶତ୍ରୁ ନ ଆସଇ
ପରଜା ପାଳେ ପୁତ୍ର ଜାଣି । ପ୍ରଜାଏ ତଡ଼କାଳେ ଶୁଣି
ମନ୍ତ୍ରୀର ନାମ ଗୁଣନିଧି । ପୁତ୍ରର ନାମ ତା ସୁବୁଦ୍ଧି
ସେ ନଗ୍ର ବଡ଼ ଶୋଭାବନ । ଅଳକା ପୁରକୁ ସମାନ
ବହୁତ ସାଧବ ଅଛନ୍ତି । ବୋଇତ ବାଣିଜ୍ୟ କରନ୍ତି
ସେହି ବାଣିଜ୍ୟ ପରସାଦେ । ଜିଣନ୍ତି କୁବେରକୁ ବାଦେ
ଭୋଗଇଲେ ପିନ୍ଧେ ପାଟ ଶାଢ଼ୀ । ଆବର ହସ୍ତେ ସୁନାଚୁଡ଼ି

ସାଧବ ମାନଙ୍କର ନାରୀ । ଶଙ୍ଖର ସୁବର୍ଣ୍ଣ ଆବୋରି
ଗୁରୁ ହୋଇବ ବୋଲି ଅଙ୍ଗ । ଅଳଙ୍କାରକୁ ମଣେ ଭଙ୍ଗ
ସ୍ଫଟିକ ପୀଢ଼ା ସବୁ ଘରେ । ଖାଦଲ ମାନ ସ୍ଫଟିକରେ
ପ୍ରାକାର ସ୍ତମ୍ଭ ସୁନା ଶ୍ରେଣୀ । ଉହାଡ଼େ ସୁବର୍ଣ୍ଣ ଘୁରଣୀ
ସୁବର୍ଣ୍ଣ କଳସ ପୀଢ଼ାରେ । ପତାକା ଉଡ଼ଇ ସଦାରେ
ଧନ୍ୟ ସେ ନଗର ଉତ୍ତମ । ସମସ୍ତ ଘର ଲୋକ ସମ
ତହିଁରେ ଏକ ସାଧୁ ଘର । ତନୟ ବନ୍ତ ନାମ ତାର
ସ୍ତ୍ରୀର ନାମ ଶକୁନ୍ତଳା । ଜନ୍ମ ସେ କଲା ସପ୍ତ ବାଳା
ଝିଅର ନାମ ତଅପୋଇ । ସବୁଙ୍କୁ ଦୁଲଣୀ ଅଟଇ
ସାଧବ ବଡ଼ ଧନେଶ୍ୱର । ବୋଇତ ସାତ ଖଣ୍ଡ ତାର
ସାତ ପୁଅରେ ସାତ ବୋହୂ । ସମସ୍ତେ ସୁନ୍ଦରୀ ସବୁହୁଁ
ଖେଳନ୍ତି ସୁନାରେ ଝୁଲାରେ । ଶୁଅନ୍ତି ଖଟ ପଲଙ୍କରେ
ଏକ ଦିନରେ ତଅପୋଇ । ଖେଳଣ ଗଲା ସାଙ୍ଗ ପାଇ
ମନ୍ତ୍ରୀର ଝିଅ ସଙ୍ଗେ ମିଳି । ଆବର ଅନେକ ସଙ୍ଗାତ
ଖେଳଇ ସେନ ସଙ୍ଗାତକୁ । ବସ୍ତ୍ର ପାଞ୍ଚ ପିନ୍ଧା ତାକୁ
ଏକ ବ୍ରାହ୍ମଣୀ ରାଣ୍ଡୀ ଆସି । ଝିଅ ଖେଳନ୍ତି ଘରେ ପଶି
ବୋଇଲେ ତଅପୋଇ ମାଏ । ବାପାଙ୍କର ଯେ ଏକଝିଏ
ପୁଅ ମାନଙ୍କ ଠାରୁ ସାନ । ମୁଁ ଅ ବାପାଙ୍କର ଜୀବନ
କରନ୍ତୁ ବାଣର କଲଇ । ଧରିବୁ ବାଣର ତୋଡ଼ାଇ
ଭୋଗରେ ହୋଇଥିଲେ ମୂର୍ଚ୍ଛି । ଗଢ଼ାନ୍ତୁ ସୁବର୍ଣ୍ଣ କୁଲଇ
ବାପ ମାଆଙ୍କୁ କର ବଦ । ଗଢ଼ାନ୍ତୁ ସୁବର୍ଣ୍ଣର ବୁଦ
ତୁ ହାତେ ହୋଇଅଛୁ ଯାହା । ତୋତେ କ ନ ମିଳବ ତାହା
ଦେଖ ଏମନ୍ତ ଯୋଗାଦେଇ । ଦେକନ୍ତୁ ବାଂଶର କୁଲଇ
ଏ ଯେତେ ସାଧବଙ୍କ ବାଳ । ଖେଳନ୍ତି ସୁନାର ଗୁଙ୍ଗୁଡ଼ୁ
ଏତେକ କହୁ ରାଣ୍ଡୀ ଗଲା । ଝିଅର ପ୍ରବେଶ ହୋଇଲା
ଖେଳ ଭାଙ୍ଗିଣ ଯିବ ବାଳ । ନିଜ ମନ୍ଦିରେ ଗଲେ ଚଳି

ଏରୂପେ ତଅପୋଇ ଗଲା । ଗମ୍ଭୀର ଭିତରେ ପଶିଲା
କବାଟ କଲା ମୁଦିଁ ମାଡ଼ି । ଶୋଇଲା ଉବୁ ଝଟପଡ଼ି
ସମସ୍ତେ ଭୁଞ୍ଜି ଣ ବସିଲେ । ଝିଅକୁ ଖାଇବା ସଖୋଳିଲେ
ମାଏ କୋଇଲେ ଅସିନାହିଁ । ଏତେ ସଞ୍ଜରେ ଥିବ ଖାଇଁ
ଚଳଇ ସାନ ବୋହୂ ଯାଇ । ଅନ୍ଧ ଗମ୍ଭୀରରେ ଶୋଇ
ସାଧବ ଫେଡ଼ିଲା କବାଟ । ବସିଲା ଯାଇ ଉହଣଟ
ବୋଇଲେ କାହିଁ ପାଇଁ ମାଏ । ଶୋଇଛୁ ରୁଷିଲା ପରାଏ
ଗଢ଼ାଇ ଦେବ ସୁନା ଥିଲେ । ଖୋଜାଇ ଦେବ ଧନ ଥିଲେ
ଧୋବଣି ଧୋବା ନ ଖଟିଲେ । ତାମ୍ବୁଳ ପାନ କି ନ ଦେଲା
ଗଣ୍ଡା କି ନ ଦେଇଛୁ ମାଇ । ଏଏବା ତୋରେ ଦେଲା ଘାଇ
ତୋରେ କି ବସ୍ତ୍ର କସୁଇବା । ତହିଁକ ରୁଷିଅଛୁ ଅବା
କଥା ନ କହୁ କମ୍ପା ମୋରେ । ରୁଷିଛୁ କେଉଁ ଜାନ୍ତରେ
ସ୍ପଷ୍ଟ ନ ଶୁଣେ ତଅପୋଇ । ଶୋଇଛି ମାନଭର ହୋଇ
ସପତ ଭାଇ ଉଠାଇଲେ । ମାତାଙ୍କୁ ଅନେକ କହିଲେ
କେବେହେଁ ନ ଉଠଇ ବାଳ । କୁଟୁମ୍ବ ଯାକ ମନେ ଗୁଣ
କାଲନ୍ଦୁ ନାମେ ସାନ ବୋହୂ । ତଅପୋଇର ପ୍ରିୟ ସେହୁ
ସେ ବୋହୂ ଅନେକ କହିଲା । ନ ଉଠି ବଚନ ବୋଇଲା
କହ ମୋ ପିତାର ଅଗ୍ରତେ । ସୁବର୍ଣ୍ଣ ସୁଧ ଦେଉ ମୋତେ
ନଦେଲେ ନ ଖାଇବି ଭାତ । ତୋ ଆଗେ କହୁଅଛୁ ସତ
ଶୁଣି ସମସ୍ତେ ତୋଷହେଲେ । ଝିଅଙ୍କୁ ପିଅର ବୋଇଲେ
ଏ ଛାର କଥାକୁ ତୋ ମାଏ । ରୁଷିଛୁ ନ ମିଳନ୍ତା ପ୍ରାୟେ
କାଲି ଭିତରେ ଗଢ଼ାଇବ । ପଦର ଭରେ ସୁଧ ଦେବ
ଶୁଣି ହରଷ ତଅପୋଇ । ବସିଲା ମାତା କୋଳେ ଯାଇ
ଏମନ୍ତ ରଜନୀ ପାହିଲା । ସାଧବ ବଣାଣି ଆଣିଲା
ସାଧବସାଧବାଣୀ ବସି । ଗଢ଼ାନ୍ତି ସୁବର୍ଣ୍ଣର ଶଶି
ସୁର ପାଲୁଶେ ଶୋଭେଇବସି । ଚନ୍ଦ୍ରକୁ ଜିଣି ଯେସନ୍ତେ ଦିଶି
ଏମନ୍ତେ କେତେ ଦିନଗଲା । ସାଧବ ଅଧା ସ୍ୱନେ ମଲା

ମାତା ହିଁ ସୁତୁସୁଦେ ମଲେ । ସମସ୍ତେ କୁଟୁମ୍ବ କାନ୍ଦିଲେ
କେତେ ଦିନରେ କ୍ରିୟା ସାରି । ବ୍ରାହ୍ମଣେ ଦକ୍ଷିଣେ କରି
ଏମନ୍ତ କେତେ ଦିନ ଗଲା । ବୋଇତ ଚଢ଼ାର୍ଥ ସରିଲା
ସୁବାସ୍ତୁ ଦେଖି ସାଧୁମାନେ । ହରଷ ହେଲେ ନିଜ ମନେ
ସମ୍ମୁଖେ ବୋଇତ ମେଲିଲେ । ସପତ ବୋହୂଙ୍କୁ ଡାକିଲେ
ବୋଇଲେ ଯାଉଅଛୁ ଆମ୍ଭେ । ଘର ସମ୍ଭାଳି ଥିବ ତୁମ୍ଭେ
ଦେଖ ଏ ଦଇବର କୃତ୍ୟ । ପିତା ସଙ୍ଗତେ ଗଲେ ମାତ
ଯେମନ୍ତେ ଝିଅ ନ ଝୁରିବ । ତେମନ୍ତେ ସେବା କରୁଥିବ
ଭୋଜନ କରାଇବ ଆଣି । କଟୁ ଅପ୍ରିୟ ଉପବାଣୀ
ବୋଧରେ ଦୋଳ ପକାଇବ । କମିସେ ହେଳା ନ କରିବ
ଶୁଣି ବୋଇଲେ ସାତ ଯାଏ । ଝିଅଙ୍କୁ ନାହିଁ କିଛି ଭୟେ
ଆଦରେ ସେବା କରୁଥିବୁ । କ୍ଷଣେ ହେ ହେଳା ନ କରିବୁ
ତୁମ୍ଭଙ୍କୁ ଦେଖିକରି ଆମ୍ଭେ । ହେଳାରେ ରହୁଥିଲୁ ଦମ୍ଭେ
ଯେବେ ଯାଉଛ ବାଣିଜ୍ୟରେ । ଆଣିଥିବଟି ଅଳଙ୍କାରେ
କେବୋଲେ ମୋ'ର ସୁନାଚୂଡ଼ି । ଆଣି ଥିବଟି ଭଲେ କଡ଼
କେ ବୋଲେ ହୀରାର ବଉଣୀ । ମୋହର ପାଇଁ ଥିବ ଆଣି
କେ ବୋଲେ ସୁବର୍ଣ୍ଣ କଙ୍କଣ । ଆଣିବ ମୋହ ନିମନ୍ତ୍ରଣ
କେ ବୋଲେ ଅମ୍ବରଢ଼ ତାସ । କେ ବୋଲେ ଝଞ୍ଜା ମୋଦହାସ
କେ ବୋଲେ ହୀରା ମଲ୍ଲୀ କଢ଼ି । ଉତ୍ତମ ରୂପେ ଥିବ ଗଢ଼ି
ସାନଙ୍କ ବୋଲେ ତଅପୋଇ । ମୋ ପାଇଁ ହୀରାର କୁଣ୍ଡାଇ
କେ ବୋଲେ ବସନ୍ତ ପଉଶା । ମୋହର ପାଇଁ ଥିବ ଆଣି
ଏମନ୍ତେ ଶୁଣି ସାତଭାଇ । ଜଳେ ବୋଇତ ଗଲେ ବାହି
ଏମନ୍ତେ କେତେଦିନ ଗଲା । ବୋଇତ ସେ ସାତକ୍ୟ ଲଗିଲା
କୂଳରେ ରହିଲେ ସେ ଯାଇ । କୋଶଳ ଦ୍ୱୀପ ସେ ବୋଲଇ
କହନ୍ତି ପ୍ରଭୁ ଚକ୍ରପାଣି । ଶୁଣି ସନ୍ତୋଷ ଠାକୁରାଣୀ

ସମସ୍ତେ ହେଲେ ତୁଷ୍ଟ ତୁଷ୍ଟ । ଯୁବା ତରୁଣୀ ବୁଢା ମିଶ
ମଙ୍ଗଳା ନାମ ଉଚାରିଲେ । କର ଅଞ୍ଜଳି ଶିରେ ହେଲେ
ସେ ଯାହା ଉପସ୍ତୁର ବଧି । ପୂର୍ଣ୍ଣ କାମନା କଲେ ସିଦ୍ଧି
କହନ୍ତି ଦାସ ଗୋପୀନାଥ । କୃଷ୍ଣ ଚରଣେ ମୋର ମାଥ
ପ୍ରଥମ ପାଳି ଅଧା ଶେଷ । କାମିଗା ଗଣ ହେଲେ ତୋଷ
ଚାଲିଲେ ସେ ଯାହା ସଦନ । ମଙ୍ଗଳ ନାମ କରି ଧ୍ୟାନ

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସତ୍ୟଭାମା ଉକ୍ତୌ ନାମ ପ୍ରଥମ ଅଧ୍ୟାୟ ।

## ଦ୍ୱିତୀୟ ଅଧ୍ୟାୟ

ଏହାଉତ୍ତାରୁ ଏବେ ଶୁଣ । କହନ୍ତି ଭକ୍ତ ନାରାୟଣ
ରଙ୍ଗ ଅଧରେ ମନ୍ଦେ ହସି । ରୁକ୍ମଣୀ ମୁଖ ସ୍ପର୍ଶି ଖୁସି
ବୋଲନ୍ତି ଆରେ ପ୍ରିୟତମା । ଉଣ୍ଡପୋଇର ଏ ମହିମା
ଶୁଣିଲୁ ଟିକ ପ୍ରିୟସଖୀ । ତୋ ଆଗେ କହୁଲିଁ ମୁହିଁ
ସତ୍ୟଭାମା ସେ ପାଶେ ଥିଲେ । କର ଯୋଡ଼ଣ ଜଣାଇଲେ
ବୋଇଲେ କହ ଏ ବିଧାନ । ଶୁଣି ଶରଧା ହେବ ମନ
ସତ୍ୟଭାମାର ବୋଲ ଶୁଣି । କହନ୍ତି ପ୍ରଭୁ ଚକ୍ରପାଣି
ଉନୟ ସାଧବ ଭୂମରେ । ଗଲେ ବୋଇତ ବାଣିଜ୍ୟରେ
ଲାଗିଲା ଏକ ଘାଟ ତଟରେ । ସୁବେଶଣ ବିକା କିଣା କଲେ
କିଣିଲେ ଅଳଙ୍କାର ମାନ । ରଖିଲେ ତହିଁ କରୁ ଯତନ
ଏଥୁ ଉତ୍ତାରୁ ସାତଯାଏ । ଘରେ ସମ୍ଭାଳ ଧନ ନିଏ
ଉଣ୍ଡପୋଇକୁ ପାଇଥାନ୍ତି । ଖଣେ ହେ ହେଳା ନ କରନ୍ତି
ସେବା କରଣ ଥାନ୍ତି ନିତ । ଦେଖ ଯୋଗୋ ଦଇବର ଗତି
ସେତ ସ୍ୱର୍ଗର ଅପସରା । ମର୍ତ୍ତ୍ୟେ ମନୁଷ୍ୟ ଦେହ ଧରି
ସୁନ୍ଦର ପଣେ ମନୋହର । ଦେଖି ଭଳକେ ସୁର ନର
ମୁଖ ଦିଶଇ ଚନ୍ଦ୍ର ଜିଣି । ତିଳ କୁସୁମ ନାସାମଣି
ଅଧର ଟହ ବିମ୍ବଫଳ । ଖଞ୍ଜନ ନୟନ ଚଞ୍ଚଳ
କୁମ୍ଭକାକୃତି କଣ୍ଠ ଦେଶ । ଘୋର ଭ୍ରମର ପ୍ରାୟ କେଶ
କୋକିଳ ପ୍ରାୟେ କହେ ବାଣୀ । ଅଙ୍ଗୁଳି ଚମ୍ପାକଢ଼ି ଜିଣି

କୋକିଳ ପ୍ରାୟେ କହେ ବାଣୀ । ଅଙ୍ଗୁଳି ଚମ୍ପାକଢ଼ି ଜିଣି
ଚରଣ ରଙ୍ଗ ଅରବିନ୍ଦ । ବେଢ଼ିଣ ଥାନ୍ତି ଷଟପଦ
ଏମନ୍ତେ ଉଣ୍ଡପୋଇ ବାଳା । ତାହାର ସଟେଣି ଲୀଳା
ଏହି ସମୟେ କାଳ ଜାଣି । ସ୍ୱର୍ଗରୁ ଆଇଲା ରମଣୀ
ସାଧବ ଦ୍ୱାରେ ସେ ମିଳିଲା । କପଟେ ଭିକ୍ଷା ସେ ମାଗିଲା
ସାଙ୍ଗୀ ବ୍ରାହ୍ମଣୀ ରୂପଧାରି । ଦେଖିଲା ସାଧବର ନାରୀ
ସଙ୍କେ ବେଶିଣ ତାରେ ଧାଇଁ । ମାୟାରେ କହୁ ନ ବଣଇ
ତାହାର ଡାକ ଶୁଣି କର୍ଣ୍ଣ । କେହି ନ ବୋଇଲେ ବଚନ
ବୋଲଇ ଭିକ୍ଷା ଦିଅ ମାୟେ । କି କରୁଅଛ ସାତଯାଏ
ଶୁଣି ବ୍ରାହ୍ମଣୀ ବୋଲେ ଶୁଣି । ସମସ୍ତେ ହେ ଲୁଚନ୍ତି ବାଣୀ
କେ ବୋଲେ କୁଙ୍କୁମ ଲିପୁଛୁ । କେ ବୋଲେ ଗନ୍ଧବାସ ଅଛୁ
କେ ବୋଲେ ଶଙ୍ଖ ଅଛୁ ଗୁଆ । ବ୍ରାହ୍ମଣୀ ଦଣ୍ଡେ ଦ୍ୱାର ଠିଆ
ସେ ଯେଉଁ ରୂପେ କରୁଥିଲେ । ସମସ୍ତେ ସେପରି କହିଲେ
ବ୍ରାହ୍ମଣୀ ବୋଲେ ତାହା ଶୁଣି । ତାହାଙ୍କୁ ନଯୋଗ ଲୋ ସୁଣି
ଏମନ୍ତ ବୋଲି ଦେଲା ସ୍ପର୍ଦ୍ଧି । ବୋଇରେ ଅଛୁ ଉଣ୍ଡପୋଇ
ବ୍ରାହ୍ମଣୀ ବୋଲଇ ଉତ୍ତର । ଏ କସ ଦୁଅନ୍ତ ତୁମ୍ଭର
ହରଷେ ବୋଲି ସବୁଯାଏ । ଆମ୍ଭର ନଣନ୍ଦ ଗୋ ତୁଏ
ବ୍ରାହ୍ମଣୀ ଶୁଣି ବୋଲେ ବାଣୀ । ତୁମ୍ଭେ ଲୋ ନର୍ଲଜ ତରୁଣୀ
କନିଷ୍ଠ ନଣନ୍ଦ ଝିଅକୁ । ନେଇ ରଖିଛ ଉପରକୁ
ବସିଛୁ ବୋଲର ଉପର । ଜନ୍ମା ଏହାକୁ ସେବା କର
ଏକାଠି ମଣୁଅଛ ଭଲ । ପଛକୁ ପାଇବଟି ସଲ
ଘର ମାନଙ୍କୁ ଖତ କହ । ଅନେକ ଶାସ୍ତି ଦେବ ଏହି
ବେଳକୁ କର ଗୋ ଉପାୟ । ପଛକୁ ନଥିବ ଲୋ ଭୟ
ଛେଳ ରଖାଅ ବନସ୍ତରେ । ମଗାଅ ବ୍ୟାଘ୍ର ଭକ୍ଷ କରେ
ନୋହିଲେ କଷ୍ଟ ମରିବ । ଏମନ୍ତେ ଯେବେ ନ କରିବ
ଭଲ ସମୟ ଅଛୁ ହୋଇ । ଘରେ ନାହାନ୍ତି ସାତଭାଇ

ଏକଥା ଯାହା ସେ କହିଲା । ସବୁରି ମନକୁ ପାଇଲା
କନେଇ ନାମେ ସାନବୋହୂ । ତଅପୋଇର ପ୍ରିୟ ସେହୁ
ମୋ ମନେ ଯେଉଁକଥା ଅଛି । ତୁ ଏକା ହୋଇଥିବୁ ସାକ୍ଷୀ
ସେ ବୋହୂ ଏମନ୍ତ ଚିନ୍ତିଲା । ଏମନ୍ତ କେତେଦିନ ଗଲା
ନ ଦେଲେ ସୁଗନ୍ଧ ଚନ୍ଦନ । ନ ଦେଲେ ଅଳଙ୍କାରମାନ
ମୁଣ୍ଡକୁ ନ ଦେଲେ ସେ ତେଲ । ନ ଦେଲେ ପିନ୍ଧିବାକୁ ଭଲ
ବସାଇ ନ ଦେଲେ ସେ ତୋଳି । ଆଦରେ ରଖାଇଲେ ଛେଳି
ଅନେକ ଦୁଃଖେ ତଅପୋଇ । ବନସ୍ତେ ଛେଳି ଜଗଥାଇ
ତବଲ ବଡ଼ବୋହୂ ପୁଣି । ହଜିବ ଯେବେ ସରମଣି
ଛେଳିର ନାମ ସରମଣି । ଚରଣ୍ଡି ଝଙ୍କାରେ ମହାମାଣି
ମୁଖେ ଲଗାଇ ତନକାଣ । କାଟିବ ନାକର ବଉଳ
ଛିଣ୍ଡା ଟୋକେଇ ଖଣ୍ଡେ ଦେଲା । ଉପରେ ପତର ବୁଜିଲା
ତଳରେ ମୁଣାମାଟି ଭରି । ପଡରେ ଘାଡଟୋଟା ଥୁଇ
ପାଞ୍ଚଣ ଲୁଣ ବୋଳି ଦେଲା । ଉପର ଯୋଡ଼ାଇଣ ଦେଲା
ଘେନିଣ ତଅପୋଇ ଚଳି । ବନରେ ଚରାଇଲା ଛେଳି
ଘୋଡ଼ିଣ ଟୋକେଇ ଫେଡ଼ିଲା । ମାଟି ଦେଖିଣ ଫିଙ୍ଗି ଦେଲା
ନିଜ ଘରେ ଛଅ ବୋହୂମାନେ । ଏହି ପ୍ରକାରେ ଦିନେ ଦିନେ
ସାନବୋହୂର ଯାଇ ଦିନ । ଦତୁରି ଦେଇଥାଇ ଅନ୍ନ
ଭଅଣ ଲୁଣ ଦେଇଥାଇ । ସେଦିନ ବସି ସୁଖେ ଖାଇ
ଏମନ୍ତ କେତେଦିନ ଗଲା । ସାତୁବ ମାସ ସେ ହୋଇଲା
ବନରେ ବସି ତଅପୋଇ । କଷ୍ଟେଣ ଛେଳି ରଖିଥାଇ
ବରଷାବେଳେ ସରମଣି । ହଜିଲା ବନସ୍ତରେ ପୁଣି
ଘରକୁ ସବୁ ଛେଳି ଗଲେ । ଗୁହାଳ ଭିତରେ ପଶିଲେ
ଦେଖିଲା ବଡ଼ବୋହୂ ଯାଇଁ । ଗୁହାଳେ ସରମଣି ନାହିଁ
ମାଇଲୁ ମୋର ଛେଳିଗୋଟି । ହଜାଇଅଛୁ ନାକ କାଟି
ନଇଲେ ନାକ ଯେ କାଟିବ । ଘରୁ ବାହାର କରିଦେବ
ଏହି ଭୟରୁ ତଅପୋଇ । ଯାଇବେ ଛେଳି ଖୋଜିଯାଇ

ଅନ୍ତ ଉହାଡ଼ ଲତା ତଳ । ଖୋଜେ କଣ୍ଟକ ବଣମାନ
ସମସ୍ତ ଠାବ ସେ ବୁଲିଲା । ନପାଇ ରାତି ହୋଇଲା
ଜଣି ହୋଇଛୁ ସତ ଦୁଇ । ଅନ୍ଧାରେ ପଥ ନ ଦିଶଇ
ଯୋଗେ ସେଦିନ ରବିବାର । ଖୁଦୁରୁକୁଣୀ ଓଷା ସାର
କୋଠରେ ବାଳକୀଏ ମିଳି । ଦେଉଅଛନ୍ତି ହୁଳହୁଳି
ତାହା ଶୁଣିଲା ତଅପୋଇ । କୋଠରେ ମିଳିଲା ସେ ଯାଇ
ବୋଇଲା ନାରୀମାନେ ଶୁଣ । ଏ ଓଷା କଲେ କେଉଁ ଗୁଣ
ଶୁଣି ବୋଇଲେ ବାଳକୀଏ । ଏ ଓଷା ଯାଅପାଳ ହୁଏ
ଖୁଦୁରୁକୁଣୀ ଏ ଅଟଇ । ଯାହା ମାଗିବ ତାହା ପାଇ
ଏଥିରେ ଦେବତା ମଙ୍ଗଳା । ରଖନ୍ତି ବୁଡ଼ିବାରୁ ଭେଳା
ଏମନ୍ତ ଶୁଣି ତଅପୋଇ । ମନରେ ଆନନ୍ଦ ହୁଅଇ
ବୋଇଲା ଏ ଓଷା କରିବ । ହଜିଲା ଛେଳିକି ପାଇବ
ତଅପୋଇକୁ ବସାଇଲେ । ସମସ୍ତ ଫଳ ଦେଇ ଦେଲେ
ବସିଲା ସାଧବର ବାଳୀ । ମନରେ ମଙ୍ଗଳା ସୁମରି
ମାଗୋ ମଙ୍ଗଳା ତୁ କାମାକ୍ଷୀ । ମୁଁ ତୋତେ ସେବା କରୁଅଛି
ଛେଳିକି ପାଇବ ମୁଁ ଯେବେ । ମୋହର ବାଞ୍ଛା ସିଦ୍ଧ ତେବେ
ଏମନ୍ତ ଭାବିଲା ମନରେ । ଛେଳି ଭମନ୍ତେ ଗଲା ଘରେ
ବାଟେ ଦେଖିଲା ସରମଣି । ସନ୍ତୁଷ୍ଟ ହୋଇଲା ତରୁଣୀ
ମନରେ ବାଞ୍ଛା ସିଦ୍ଧ ହେଲା । ଛେଳିକି ନେଇଣ ରଖିଲା
ଏଥି ଉତ୍ତାରୁ ସାଧୁ ବାଳ । ସରମଣିକି ନେଇ ଚଳ
ଘରକୁ ଅଡ଼ାଇଣ ନେଲା । ଗୁହାଳ ଭିତରେ ପୁରିଲା
ବସିଲା ବହଣ୍ଡରେ ଯାଇ । ଦେହକୁ ଶୀତଳ କରାଇ
ଏ ଅନ୍ତେ ବଡ଼ ବୋହୂ ଆସି । ଦେଖିଲା ଦ୍ୱାରେ ଅଛି ବସି
ବୋଇଲା କାଲି କାହିଁ ଥିଲୁ । ମୋର ଛେଳିକି ହଜାଇଲୁ
ପଇଣ ଆଜି ଯେବେ ଦେଖ । ପିଟନ୍ତି ତେନ୍ତୁଳିର ମୁଠ
ଏମନ୍ତ ଶୁଣି ତଅପୋଇ । ତରେଣ ବଚନ ବୋଲଇ
ଛେଳିକି ପାଇଲି ଯେ ଖୋଜି । ବରଷା ବେଳେ ଥିଲା ହଜି

ବୋଲଇ ବଡ଼ ବୋହୂ ପୁଣି । ବନକୁ ଛେଳି ଯାଅ ନେଇ
ସକାଳୁ ସାତ କର୍ତ୍ତା ହୋଇ । ଶୂନ୍ୟ ହୋଇଛୁ ତୋହପାଇଁ
ଯାଅ ପାଞ୍ଚକୁ ନେଇଯାଅ । ଛେଳିକ ବନକୁ ଚରାଅ
ତାଶୁଣି ତଅପୋଇ ଗଲା । ସୁନ୍ଦାନ ଉଦରରେ ପଶିଲା
ଛେଳି ପଲକୁ ଅଡ଼ାଇଲା । ବନରେ ନେଇ ଚରାଇଲା
ବେଳ ବୁଡ଼ିଲା ବନସ୍ତର । ଅନ୍ଧାରେ ନ ଦିଶେ ଦୁଆର
ଏମନ୍ତ ହେତେ ବନ ଗଲା । ଶ୍ରୀ ରୁକ୍ମୁଣୀ ଓଷା ହେଲା
ଭାଳଇ ତଅପୋଇ ବାଳ । ପାଇଛୁ ହଜିଲାର ଛେଳ
ଏମନ୍ତ ସାଞ୍ଜପାଳ ଚଲା । ସଖିଙ୍କ ସଙ୍ଗତେ ମିଳିଲା
ଶ୍ରୀ ବୈକୁଣ୍ଠାରେ ପିଠା କର । ଶ୍ରୀ ବ ଭଣ୍ଡ ନ ପୁର କର
ସଖିଙ୍କି ମାଗିଲା ବନ୍ଧନ । ପଦ୍ମ ଫୁଲର ପିଠାମାନ
ଓଷା କୋଠିରେ ଯାଇ ବସି । ଭାଇଙ୍କ ଶୁଭ ସେ ମନାସି
ବୋଇଲା ମଙ୍ଗଳା ଛାମୁର । ମହା ସଙ୍କଟୁ ପାଡ଼ିକର
ଦଶ ବରଷ ହେଲା ଗଲେ । ଆପଣା ସ୍ୱର୍ଗ୍ୟକୁ ନଇଲେ
ଅସାର ସପନ ଦେଖିଲି । କେଣ୍ଟୁ ଭୂମ୍ପଙ୍କୁ ଅଣ୍ଟା କଲି
ଦେବେଙ୍ଗ ମଙ୍ଗଳା ଗୋସାଇଁ । ଶୁଭେ ଆସିଥିବ ସାତ ଭାଇ
ଦେଖିବ ଦେବି ନୟନରେ । ପ୍ରବେଶ ହୋଇଲେ ମନ୍ଦିରେ
ଏମନ୍ତ ବାଞ୍ଛା କରି ବାଳ । କରେ ସେବିଲା ପାପାବଳୀ
ସମସ୍ତେ କୁଳତୁଳ ହେଲେ । ମଙ୍ଗଳା ନାମ ସୁମରିଲେ
ଏମନ୍ତେ ଓଷା ପୂଜା ସାରି । ସେ ସାହା ମନ୍ଦିରକୁ ଚଳ
କହଇ ଗୋପିନ ଅ ଦାସ । ଦସ୍ଥା କହିବେ ପୀତବାସ

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସତ୍ୟଭାମା ଭକ୍ତି ତଅପୋଇ
ମନୋରଥ ପ୍ରାପ୍ତ ଉଚ୍ଚାରଣେ ନାମ ଦ୍ୱିତୀୟୋଧ୍ୟାୟଃ ।

## ତୃତୀୟ ଅଧ୍ୟାୟ

ଏଥୁ ଅନନ୍ତେ ଏବେ ଶୁଣ । ସେ ସାହା ସୁନ୍ଦର କଥନ
ସେ କଥା ଆନ ସେ ବୁଝଇ । ଦଇବ ଯୋଗେ ଯୋଗ ହୋଇ
ପ୍ରଭାତେ ତଅପୋଇ ବାଳ । ସ୍ନାନ ସାରିଣ ନେଲା ଛେଳ
ଦେଖନ୍ତି ବଡ଼ ବୋହୂ ଜାତ । ଯୋଡ଼ଣ ଦେଖିଲା ଭୁରୁତ
ଉଦରେ ଅଛି ମୁକ୍ତାମାଣ୍ଡି । ଜପରେ ଭାତ ସ୍ୱରଗୋଷ୍ଠି
ପାଉଁଶ ବୋଲି ଲୁଣ କାଣ୍ଡି । ଉପଣ ଅଦା ଥିବ କାଣ୍ଡି
ଏହା ଦେଖିଣ ତଅପୋଇ । ଭୁବେଣ ଉଠିଲା ବୋବାଇ
ପିଅଉ ଅଧା ସ୍ୱଚ୍ଛେ ମଲେ । ମାତା ହିଁ ପୁତ୍ରସ୍ୱଚ୍ଛେ ମଲେ
ବୋଇଲେ ସାତ ଭାଇ ଗଲେ । ଭାଉଜ ଏତେ କଷ୍ଟ ଦେଲେ
କଣ୍ଟେ ଏ ବନରେ ମରିବ । ଘରକୁ ଆଉ କମ୍ପା ଯିବ
ଏମନ୍ତ କହି କାନ୍ଦେ ବାଳ । ଶବଦେ ବନସ୍ତ ଉଚ୍ଛୁଳ
ଦେଖ ବିଧାତା ସଙ୍କଟ ଶ୍ର । ତେଣେ ସାଧବ ସାତପୁଅ
ବୋଇତ ସେନ ଆସି ତୁଳେ । କାନ୍ଦଣା ଶବଦ ଶୁଣିଲେ
କାହିଁଟେ କାନ୍ଦୁଅଛି ବାଳ । କୁଣ୍ଡ ଦାରୁଣ ମନେ ଭଳ
ତଅପୋଇର କୁଣ୍ଡ ପ୍ରାପ୍ତେ । ଶୁଭଲ ଅରଣ୍ୟ କତାଏ
ଶୁଣି ଭନସ୍ତ ଭାଇ ଚଲା । ଅରଣ୍ୟ ବନରେ ପଶିଲା
ଶିଆଳ ଲତା ତଳେ ଯାଇ । ବେଦନ କରେ ତଅପୋଇ
ରଜନୀ ଅର୍ଦ୍ଧ ଅଛି ହୋଇ । ଦେଖି ସାଧବପୁଅ ଯାଇ
କଏ ତୁ ବୋଲେଣ ଗୋ କହ । ତଅପୋଇର କମ୍ପେ ଦେହ
କାହାର ଅଟୁ ତୁ ଗୋ ବଂଶ । ନାମ ତୋହର ଅଟେ କସ
ଏମନ୍ତ ଶୁଣି ତଅପୋଇ । ନ ବାନ୍ଧ ସମ୍ଭାଳି କହଇ
[illegible] ଜାଣେ ଭାଇ ବୋଲି କଣ । ଭୟ ହୋଇଲା ମନେ ଡର
ବୋଇଲା କେ ତୁମ୍ଭେ ଗୋସାଇଁ । କରୁଣ ପ୍ରାଣୀ ମୁଁ ଅଟଇ
ବଡ଼ ବଚେଣ ହୋଇ ଜାତ । ଏ ବନେ ହୋଇଲି ଅନାଥ
ମୋର ପିତାଙ୍କ ନାମ ସାଧୁ । ସାତ ପୁଅରେ ସାତବୋହୂ
ବୋଇତ ସାତଖଣ୍ଡ ତାର । ସେ ଅଟେ ପିଅର ମୋହର
ମୋହର ନାମ ତଅପୋଇ । କହିଲେ କଷ୍ଟ ନ ସରଇ
ଭାଇ ସେ ଗଲେ ବୋଇତରେ । ଭାଉଜେ କଷ୍ଟଦେଲେ ମୋତେ
ଅନେକ ମତେ ଦେଲେ ଗାଳି । ବନସ୍ତେ ରଖାଇଲେ ଛେଳି
ମନେ ପଡ଼ିଲେ ଭାଇମାନେ । ବେଦନ କରୁଅଛି ବନେ
ଶୁଣ ହେ ମାତ ତଅପୋଇ । ବୋଇଲେ ଦେବ ସାତଭାଇ

ଆସିଲୁ ଏଣୁ ନଗରରେ । ସେଦିନ ଶୁଣିଲୁ ସେଠାରେ
ମୋତେ ପେଷିଲେ ଜୈମସ୍ବାଇ । ବୋଇଲେ ଛନ୍ତି ଦେଖିଯାଇ
ତେଣୁ ମୁଁ ଏଠାକୁ ଆଇଲି । ଅରଣ୍ୟ ତୋତେ ମୁଁ ଦେଖିଲି
ଏବେ ତୋ ମାଏ ସୁଖ ପିବା । ସଭିଙ୍କୁ ସମସ୍ତ କହିବା
ଶୁଣି ଆନନ୍ଦ ଉଅପୋଷି । ଅଛ କ ରକ୍ଷାଦାନ ପାଇ
ସୁରଭ ପିଇଲେ କ ଘର । ଚନ୍ଦ୍ର କୁ ଦେଖିଲେ ଚକୋର
ଯାଇ ରଜଣୀ ଦେଖେ ଗଲେ । ବୋଇଲେ ପ୍ରବେଶ ହୋଇଲେ
ହୋଇଲେ କଳ୍ପଅସ୍ତ ଯାଗ । ଦେଖିଲେ ଉଅପୋଷ ରୂପ
ଗଲେ ବନୁବେ ଦେଖି ଭକ୍ତେ । ମୁଣ୍ଡ ଲକ୍ଷ୍ମଣୀ ଫେରି ଯତ୍ନେ
ଛୁଞ୍ଚୀ ଲେଖିଣ ପିଣ୍ଡାଇ । ଦେଖି ଏକଳ ସାଉଦାଇ
କହଲ ସାଇଙ୍କ ଆଗରେ । ତୁମ୍ଭେ ତ ଗଲ ବୋଇଲରେ
ଯାଇ ଯେ ଥିଲେ ମାସ ଦୁଇ । ସେହିଁ ପ୍ରକାରେ ଥିଲ କହ
ସଞ୍ଜି ବ୍ରାହ୍ମଣୀ ବୋଲ ଶୁଣି । ନଦେଲେ ମୋତେ ଅନ୍ନପାଣି
ସେ ସଞ୍ଜି କହିଲା ତାହାଙ୍କୁ । ଛେଳ ରଖାଅ ନନ୍ଦନଙ୍କୁ
ତାହାର ବୋଲକୁ ଶୁଣିଲେ । ବନରେ ଛେଳ ରଖାଇଲେ
ଉଡରେ ମୁଷ ମାଟି ଭରି । ଉପରେ ଗୋଟି ସୁତ ସୁର
ବଡ଼ବୋହୂର ଏଣୁମତେ । ଦୁଃଖ ଯେ ଦେଉଁଛି ଯେତେ
ସାନବୋହୂର ପାଇ ଦନ । ବହୁତ ଦେଇଥାଇ ଅନ୍ନ
ଏମନ୍ତ ଶୁଣି ସ ତ ସାଇ । କହନ୍ତି ଶୋକରେ ହୋଇ
ଅଷ୍ଟରତ୍ନର ଅଳଙ୍କାର । ଦେଲେ ଯେ ରଜଣୀ ଶରୀର
ବସାଇ ଚଉକ ଉପରେ । ଖଣ୍ଡିଆକାଟିଏ ଦେଲେ କରେ
ବୋଇଲେ ସେହୁ ପ୍ରିୟ ତୋର । ନାସିକା ନ କାଟିବୁ ତାର
ଯେଅବା ଦୁଃଖ ଦେଲେ ତୋତେ । ନାସିକା କାଟିବୁ ତାହାରେ
ଏମନ୍ତ କହି ସାଇ ଗଲେ । ରାଜ୍ୟକୁ ଦୂତ ବାରିଗଲେ
ରାଜ୍ୟରେ ଡହଳ ପଡ଼ିଲା । ଶୁଣେଣ ବୋଇଲେ ଲାଗିଲା
ଆନନ୍ଦ ରାଜ୍ୟ ଲୋକ ଶୁଣି । ଏଥି ଉପାରୁ ଶୁଣ ପୁଣି
ପୁଣି ହିଁ ସାଧବର ପୁଅ । ସରକୁ କହୁ ପଠିଆଏ
ବେଗ ହୋଇଣ ତୁମ୍ଭେ ଯାଅ । ବୋହୂମାନଙ୍କ ଆଗେ କହ

ସଙ୍ଗତେ ନେଇ ଉଅପୋଷ । ଆସନ୍ତୁ ବୋଇଲେ ବନ୍ଧାଇ
ଉତ୍ତରେ ଲୋକ ଧାଇଁଗଲେ । ସପତ ବୋହୂଙ୍କୁ କହିଲେ
ଉଅପୋଷ ସଙ୍ଗେ ତଅ । ଶୁଣେଣ ବୋଇଲେ ବନ୍ଧାଅ
ଶୁଣି ସମସ୍ତେ ଆରମ୍ଭେଣ । ଉଅପୋଷ ଖୋଜ ଆଣ
ବୋଲଇ ସାନବୋହୂ ତହିଁ । ଜାଣିତ ବନ୍ଧୁ ଆସି ନାହିଁ
ଖାଇଲି ଭୂତ କ ରାକ୍ଷସ । ଏବେ ଲୋଡ଼ିଲେ ଦେବ କିସ
କମେଁ ଅବଶ୍ୟ ଅଛୁ ସାହା । ସେଗ କରିବାଟିକ ତାହା
ବୋଲଇ ବଡ଼ ବୋହୂ ଶୁଣି । ତାହାର ଦୁଅ ଅର୍ଥ ନେଇ
ବୋଇଲ ଦେଇ କଢ଼ାଇବା । ସୁଛଲେ ବଣ୍ଟାଇ କହିବା
ଏମନ୍ତେ ଅର୍ଥ ନେଇ ବାଇ । ବୋଲିଲ ପାଶେ ଯାଇ ମିଳ
ବୋହୂଙ୍କୁ ଦେଖି ସାନ ହୁଇ । ବୋଲଇ ଅଧର କମ୍ପାଇ
ସଙ୍ଗତେ ଉଅପୋଷ ନାହିଁ । ତୁମ୍ଭେ ଗୋ ଆସିଲ କମ୍ପାଇଁ
ମହ୍ନିଆଁ ବୋହୂ ବୋଲେ ବାଣୀ । ଜଗଦଇଶୁ ଦ୍ବିଅମଣି
କେମନ୍ତେ ଭୁଲଣ ଆସିଚନ୍ତି । ଦେହରେ ପୀଡ଼ା ଯେ ପାଇବେ
ଏମନ୍ତ ଶୁଣି ସାନ ଯାଇ । କହନ୍ତି ଶୋଧରେ ହୋଇ
ଦେବତା ଛନ୍ତି ମଙ୍ଗ କେଉଁଣେ । ବନ୍ଧାଅ ସାଇ ଜଣେ ଜଣେ
ପ୍ରଥମେ ବଡ଼ବୋହୂ ଗଲା । କୋଣେ ଦେବତା ବନ୍ଧାଇଲା
ଭୂଷାରେ ଉଅପୋଷ ବାଇ । କାଟିଲା ନାକର ଦରଳ
ନାକୋଇ ହୋଇ ପଳାଇଲା । ତା ପଛେ ଆରକ ଅଇଲା
ଏହି ପ୍ରକାରେ ସବୁବାଇ । କାଟିଲା ନାକର ଦରଳ
ପଞ୍ଚେଣ୍ଡ୍ ନାମେ ସାନବୋହୂ । ଉଅପୋଷର ପ୍ରିୟ ସେହୁ
ସମସ୍ତ ପଛେ ସେ ଅଇଲା । ସେ ଦେବୀ ପଛେ ବନ୍ଧାଇଲା
ସାନବୋହୂକୁ ଦେଖି ବାଇ । ହସ୍ତରୁ ପକାଇଲା ଭୂଷା
କାନ୍ଦି କାଢ଼ିଲା ରତ୍ନମାଳ । ବୋହୂତେବକରେ ଦେଲା ବାନ୍ଧ
ତାଙ୍କ କରଣ ବୋହୂ ନେଲା । ଆପଣା ମନରେ ରହିଲା
ଅତି ଆନନ୍ଦ ସେ ହୋଇଲେ । ଉତ୍ତମ ସୁଖ ଭୋଗ କଲେ
ଏମନ୍ତ ଶୁଣି ସେ ରୁକ୍ମଣୀ । ବୋଇଲେ ଆହେ ଚକ୍ରପାଣି
ନାକୋଇମାନେ ଯାହିଁ ଗଲେ । କେମନ୍ତ ଯାଇ ସେ ରହିଲେ

ସେ କଥା କହ ଆହେ ହର । କେମନ୍ତେ ହେଲେ ଏତେ ସର
ଚଣ୍ଡି ବ୍ରାହ୍ମଣୀ ପିତା ଆସି । ତାହାଙ୍କୁ ଶିଖାଇଲା ବସି
ବୋଲଇ ନଣନ୍ଦ ଏ ସ୍ତ୍ରୀର । ଏହାଙ୍କୁ ଏତେ ସେବାକର
କପଣ ହେଉ ତ ମାଇଲା । ପତିଙ୍କୁ ଦୁଃଖ ସମାହିଲା
ତୁମ୍ଭେ ଗୋ କର୍ଣ୍ଣ କ କାଳୀଗ । ଏହାର ସୋଗୁ ଯିବ ନାଶ
ଏମନ୍ତ କହୁଣ ସେ ଗଲା । ମାୟା ମୋହନା ଲଗାଇଲା
ହେଲା ଏହାଙ୍କର ବୁଦ୍ଧି । ନଣନ୍ଦ ସଙ୍ଗ ହେଲେ ବାଦୀ
ଆସ୍ଥୃତ ନ ଥିଲା ତାଙ୍କର । କର୍ମ ହୋଇଲେ ଏତେ ସର
ନହନ୍ତି ଦେବଗଣନନ୍ଦନ । ଶୁଣ ଗୋ ସୁବର୍ଣ୍ଣ ରଜନ
ନାକୋଇମାନେ ଉଡ୍ଡିଗଲେ । ଅରଣ୍ୟ ଭିତରେ ପଶିଲେ
ବହୁତଦୂର ପଥ ଯାଇ । ବୁଲନ୍ତି ବାଇ ପ୍ରାପ୍ତ ହୋଇ
ଦିନେକେ କରନ୍ତି ରୋଦନ । ଶୁଣଇ ଘୋର ଗଗନ
ସମସ୍ତେ ହୋଇ ଏକମେଳ । ବସିଲେ ବୃକ୍ଷ ମୂଳତଳ
କ୍ଷୁଧାରେ ତନୁ ଜର ଜର । ପଡ଼ିଲେ ଧରଣୀ ଉପର
ହୃଦୟେ ବେଦନର ମାର । ଡାକନ୍ତି ଦଇବ ସୁମରି
ଆହା ବିଧାତା ଏହା କଲୁ । କ ଦୋଷେ ଏ ଦଶା କହିଲୁ
ଏତା କରମ ଷଣ୍ଡ ନାଶ । ଲେଖିଣ ଥିଲୁ କ ଶସ୍ତୁର
କମ୍ପାଇଁ ନ କଲୁ ମରଣ । ବନସ୍ତେ ଥିଲା ଏ କପଣ
ସାଧବ ଘରେ ହେଲ ଜାତ । ଏକାକେ ହୋଇଲୁ ଅନାଥ
ଯାଆନ୍ତୁ ବାପା ଭାଇ ଘର । ମୁଖକୁ ଚାହିଁବୁ କାହାର
ଏମନ୍ତ ବୋଲଣ ସୁବର୍ଣ୍ଣ । ସମସ୍ତେ ରୋଦନ କରନ୍ତି
ବୋଇଲେ କହିବା ଗୋ କସ । ଖାଇ ମରିବା ଆଣି ବିଷ
କେ ବୋଲେ ଜହ୍ନୁଗୋ ନଗ୍ରଜ । ଜଳେ ବୁଡ଼ିବା ଅଗ୍ନି ଜାଳ
କେ ବୋଲେ ବନେ ପଶିଯିବା । ବ୍ୟାଘ୍ର ଭାଲୁଙ୍କ ମୁଖେ ଯିବା
କେହୁ ଆସ୍ନକୁ ନ ଖାଇଲେ । ଜଠରେ ଦୋଲ ଗ୍ରୁଡ଼ିଗଲେ
ଏମନ୍ତ କହୁ ବେଳ ଗଲା । ଭମିର ଆସି ପ୍ରବେଶିଲା
ଦିବସ ଯୋଗେଣ ଶକ୍ତ୍ରଳ । କ୍ଷୁଧା ତୃଷାରେ ସେ ଆକୁଳ

ମିଳଲେ ସୁବର୍ଣ୍ଣଙ୍କ ପ୍ରାଣ । ଦେଖିଣ ବୁଡ଼ିଲା ସାହସ
ନାକୋଇମାନେ ଉଡ୍ଡି ପଡ଼ି । ପିଣ୍ଡରୁ ପ୍ରାଣ ଗଲା ଛାଡ଼ି
କେତେ ଶାର୍ଦ୍ଦୁଳ ଉଡ୍ଡି ଗଲେ । ସେ ମୃତପିଣ୍ଡ ପଡ଼ିଥିଲେ
ଏମନ୍ତ ରଜନୀ ପାହିଲା । ରବି କିରଣ ପ୍ରକାଶିଲା
ସେ ବନେ ସଦାଶିବ ଥାନ୍ତି । ମର୍କଟଲିଙ୍ଗ ଶୋଭାପାନ୍ତି
ତାହାଙ୍କୁ ନ ଦେଖନ୍ତି କେହି । ଗୁପତେ ହୋଇଥାନ୍ତି ରହି
ବରୁଣା ନାମେଣ ଶବର । ବୁଲଇ ମହାବନ ଘୋର
ଏମନ୍ତେ ବନେ ବୁଲୁଥିଲା । ବନେ ସେ ଲିଙ୍ଗକୁ ଦେଖିଲା
ଦେଖିଲା ମର୍କଟ ଲିଙ୍ଗକୁ । ବିସ୍ମୟ କଲା ସେ ମନକୁ
ବୋଇଲା ଆଜ ଭାଗ୍ୟ ମୋର । ଦର୍ଶନ ପାଇଲି ଶଙ୍କର
ସେ ଶୁଦ୍ଧଚିତ୍ତେ ବୁଦ୍ଧି କଲା । ସାଷ୍ଟାଙ୍ଗ ଦଣ୍ଡବତ କଲା
ସ୍ତୁତି ହୋଇଲା ବୃତ୍ୟ ବୃତ୍ୟ । ସେଠାରୁ ଗଲାକ ତ୍ୱରିତ
ସ୍ନାନ ଶଉଚ କଲେ ସାରି । ନୀର ଆଣିଲା କରେ ଧରି
ଶିବଙ୍କ ଶିରରେ ଢାଳିଲା । କୁସୁମ ବେଲପତ୍ର ଦେଲା
ସୁସ୍ୱାଦୁ ପକ୍ୱଫଳ ଆଣି । ଦେଇ ସ୍ତୁତି କଲା ଶୂଳପାଣି
ସ୍ତୁତିଣ କଲା ନମସ୍କାର । ମେଲାଣି ମାଗିଲା ସ୍ୱମ୍ଭୁର
ସ୍ତୁତି ବୋଇଲେ ଦେବ ହର । ଆନନ୍ଦେ ବୋଇଲେ ଶବର
ଏମନ୍ତ କତ୍ୟ ସେବା କରି । ଦୃଢ଼ବିଶ୍ୱାସ ଚିତ୍ତେ ଧରି
ଦିନେ ସେ ବରୁଣା ଶବର । ସ୍ତୁତି କଲା ଯାଇ ସେ ଶଙ୍କର
ବନେ ଯାଉଛି ବେଗ ହୋଇ । ବାଟରେ ଦେଖିଲାକ ଯାଇ
ଶତ ସୁବର୍ଣ୍ଣ ଉଷ୍ଣ ମରି । ନାସାଚ୍ଛେଦନ ସବୁଙ୍କର
ଦେଖିଣ ଆଶ୍ଚର୍ଯ୍ୟ ହୋଇଲା । ମର୍କଟଲିଙ୍ଗ ପାଶେ ଗଲା
ସେ ନିତ୍ୟକର୍ମ ଯେ ସାରିଲା । ଶିବାଙ୍କୁ ମେଲାଣି ମାଗିଲା
ହରଣ୍ୟ ନକହ୍ୱ ବଚନ । ବୁଝିବା ପାଇଁ ତାର ମନ
ଶବର ବହୁତ ଡାକିଲା । ଜାକଣ ଲରଣ ହୋଇଲା
ବୋଇଲେ ଅପରାଧ ମୋର । ଦୟାକରିଲେ ଦେବ ହର
ଥିଲା ସାବନେ କାର୍ଯ୍ୟ ଚାହିଁ । ଆକୁଳେ ବଣବଣ ସୁହିଁ
ନାସିକ ପାଷାଣେ ଘଷିଲା । କଣ୍ଠ ଉଣ୍ଡିରେ ବସାଇଲା

ଶାଙ୍କରିଲ ସ୍ୱପ୍ନ ଦେବ ବର । ଉହରେ ଚତୁର୍ଦ୍ଦଶୀ ଶଙ୍କର
କମ୍ପାଇଁ ବାପୁଙ୍କୁ ଗାବନ । ମୁହିଁ ଜାଣିଲି ତୋର ମନ
ପ୍ରସନ୍ନ ହେଲି ମାଗ ବର । ଯେ ଇଚ୍ଛା ମନରେ ତୋହର
ଶଙ୍କର ମନେ ଚିନ୍ତୁରଲ । ଯେ ପ୍ରାଣୀ ପରହିତେ ଥାଇ
ସ୍ୱର୍ଗ ପ୍ରାପତ ହୁଏ ତାରେ । ଶୁଣି ମୁଁ ଅଛଇ ଏ ଧାରେ
ଏମନ୍ତ ମନେ ଚିନ୍ତିଲା । କର ଯୋଡ଼ଣ ଜଣାଇଲା
ବୋଇଲା ପ୍ରଭୁ ମହେଶ୍ୱର । ମୋ ଅପରାଧ କ୍ଷମା କର
ଖଣ୍ଡ ଯେ ନାସା ଛନ୍ତି ମୋର । ଗାଇଁରେ ନାସିକା କର୍ଣ୍ଣ ଲ
ତଥାସ୍ତୁ ବୋଇଲେ ଶୂଳଧର । ତତ୍ପରେ ଦେଖିଲା ଶଙ୍କର
ବୋଲିଲି ଆଗୋ ନାଗ୍ରମ ନେ । କର୍ମ ଅଇଲ ଘୋର ବନେ
ଶୁଣି ସାଧବ ବୋହୂମାନେ । ବୋଲନ୍ତି ଶୁଣ ସାବଧାନେ
ଜନସ୍ଥ ନଣନ୍ଦ ଆମ୍ଭର । ତା ଲଗି ହେଲୁ ଏତେ ଦୂର
ନାମ ତା ତଅପୋଇ ବାଳୀ । କାଟିଲୁ ନାକର ବଉଳ
ନାତୋଳ ହୋଇ ଚଳାଇଲୁ । ଲଜ୍ଜାରେ ବନସ୍ତେ ପଶିଲୁ
କାନ୍ତୁ ଦେଖିଣ ମୋହ ଯାଇ । ଚାହିଁଣ ଥିଲୁ ଏତେ ଠାଇଁ
କେଉଁ ବିଧାତା ବରବେଳା । ନାସିକାମାନ କର୍ଣ୍ଣ ଦେଲା
ଶଙ୍କର ସମସ୍ତ କହିଲ । ତାହାଙ୍କୁ ପଥ ଦେଖାଇଲ
ସେ କାଳ ଯାଇ ଘର ଗଲେ । ନିଶ୍ଚିନ୍ତ ହୋଇଣ ରହିଲେ
କହଇ ଗୋପିନାଥ ଦାସ । ଉଭର ମଧେ ଶୀତ ବାସ

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସତ୍ୟଭାମା ଉକ୍ତୌ ସାଧବ ଝିଅବଧୂ ଉଦ୍ଧାରେଣ ନାମ ତୃତୀୟୋଧ୍ୟାୟ ।

## ଚତୁର୍ଥ ଅଧ୍ୟାୟ

ଏମନ୍ତ କୃଷ୍ଣ ବାଣୀ ଶୁଣି । ହସି ବୋଲନ୍ତି ଠାକୁରାଣୀ
ସେ ତଅପୋଇ କଥା କହ । କେମନ୍ତ ହୋଇଣ ରହିଲା
ଏମନ୍ତେ କେତେ ଦିନ ଗଲା । ସାଧବ ମନେ ଚିନ୍ତିଲା
ଏବେ କହିବା ଶୁଣ ଚତୁର । ତଅପୋଇର ବୃତ୍ତାନ୍ତର
ଜ୍ୟେଷ୍ଠ ଭ୍ରାତାର ଏହି ବାଣୀ । ସମସ୍ତେ ସାଇମାନେ ଶୁଣି
ବୋଇଲେ କହିବା ଉଚିତ । ଯେ ସାଧୁ ଶ୍ରେଷ୍ଠ କୁଳବନ୍ତ
ଅଇଶ୍ୱର୍ଯ୍ୟରେ ଥିବ ଭଲ । ବିଭା କରିବା ତଅପୋଇ
କହନ୍ତି ସାଧବ ନନ୍ଦନ । ଏମନ୍ତ ଗଲା କେତେ ଦିନ
ବରିଷ୍ଠ ବୋଲିଣ ସାଧବ । ତାହାର ଧନ ଅସମ୍ଭବ
କୁବେର ସମାନ୍ତିକୁ ଧନ । ପ୍ରତାପ ନ ପାରିବ କଳ
ସେହି ଦ୍ୱୀପରେ ତାର ଘର । ତା ସୁତ ନାମ ରତ୍ନାକର
ସୁନ୍ଦର ସୁବୁଦ୍ଧି ପଣ୍ଡିତ । ଗରିଷ୍ଠ ପଣେ ବଳବନ୍ତ
ତାହାଙ୍କୁ ବିଭା କରିବାକୁ । ତା ପିତା ବସୁରେ ମନକୁ
ଦୂତମାନଙ୍କୁ ଡକାଇଲ । ପ୍ରସଙ୍ଗ କରିଣ ପେଷିଲ
ତକ୍ଷଣେ ଦୂତମାନେ ଗଲେ । ଥୋଡ଼ାଏ ରାଜ୍ୟ ସେ ବୁଲିଲେ
ତନୟ ସାଧବର ସୁତ । ସେ ରାଜ୍ୟେ ସେହି ସାର୍ଥବନ୍ତ
ଏକ ଭଉଣୀ ସାତ ଭାଇ । ତାହାର ନାମ ତଅପୋଇ
ତାହାଙ୍କ ଦ୍ୱାରେ ଦୂତ ଆସି । ପ୍ରସଙ୍ଗ କହିଲେ ବସି
ବୋଇଲେ ବରିଷ୍ଠ ସାଧୁତ । ତାହାଙ୍କ ପୁତ୍ର ବଳବନ୍ତ
ତଅପୋଇକି ବିଭା କର । ଏ କଥା ଉଚିତ ବେଭାର
ଏମନ୍ତ କହି ଦୂତମାନେ । ମେଲାଣି ହୋଇଲେ ବହନେ
ପାଇଣ ସାଧବ ବଚନ । କହିଲେ ସକଳ ବିଧାନ
ଶୁଣି ସାଧବ ତୋଷ ହୋଇ । ସେ ବିଧି ବିଧାନ ବୁଝାଇ
କୁଳ ଧର୍ମର ଯେଉଁ ରୀତି । ସେହି ପ୍ରକାରେ ସେ କରନ୍ତି
ମଙ୍ଗଳ ତୂର୍ଯ୍ୟ ସେ ବଜାଇ । ମିଳି ବହୁତ ନାରୀ ଗଣ
ନଗର ଗୃହ ମଙ୍ଗଳ କଲେ । ସମସ୍ତ ହୁଳହୁଳି ଦେଲେ
ବସ୍ତ୍ର ଭୂଷଣ ଅଳଙ୍କାର । ଯେ ପୂଜା ବିଧି ଉପଚାର
ଦେଇଣ ସମସ୍ତେ ପୂଜନ୍ତି । ସୁବେଶ ହୁଳହୁଳି ଦିଅନ୍ତି
ଶଙ୍ଖ ମହୁରୀ ନାନା ବାଦ୍ୟ । ବାଜନ୍ତେ ଉଚ୍ଛୁଳେ ଶବଦ
ସେଠାରୁ ହୁଅନ୍ତେ ମେଲାଣି । ବର କନ୍ୟାଙ୍କୁ ଘେନି ଆସି
ଢାଳନ୍ତି ନେଇ ତୀର୍ଥ ଜଳ । ସୁବର୍ଣ୍ଣ ହୋଇ ଏକମନ

ଶିରରେ ଚନ୍ଦ୍ର ପୋଛି ଦେଲେ । ମଙ୍ଗଳ ବସ୍ତ୍ର ପିନ୍ଧାଇଲେ
ଏଥୁ ଉତ୍ତାରୁ ଆଗମନ । ଶୁଭ ଉତ୍ସବ ଯୋଗ ଲଗ୍ନ
ବ୍ରାହ୍ମଣ ପଣ୍ଡିତ ଆସି । ବିଶେଷ ପସ୍ତୁଇନ୍ତି ବସି
କହନ୍ତେ ସମସ୍ତେ ଶୁଣିଲେ । ବେଗ ଉଦ୍ୟମ ପସୁଇଲେ
ମଙ୍ଗଳ ବାଦ୍ୟ ଉଚ୍ଚାରନ୍ତି । ବରକୁ ବେଦୀରେ ବସାନ୍ତି
ବ୍ରାହ୍ମଣେ ବେଦ ବାକ୍ୟ ଭଣି । ବୋଇଲେ କନ୍ୟାକୁ ଆଣସି
ତା ଶୁଣି କନ୍ୟାକୁ ଅଣାଇ । ଲବଣ ଚଉଁରି ଢଳାଇ
ଅଷ୍ଟରତ୍ନର ଅଳଙ୍କାର । ଖଞ୍ଜିଲେ କନ୍ୟାର ଶରୀର
ଛିନ୍ନ ବସନ ପିନ୍ଧାଇଣ । ବେଦାଙ୍ଗ ବସ୍ତ୍ର ଉପରଣ
ଦେଇଣ କନ୍ୟାକୁ ଆଣିଲେ । ବେଦୀ ଉପରେ ବସାଇଲେ
ଅନେକ ବାଦ୍ୟ ବଜାବନ୍ତି । ସୁବେଶ ହୁଳହୁଳି ଦିଅନ୍ତି
ଶବଦ ଶୁଭେ ଘୋରନାଦ । ବ୍ରାହ୍ମଣ ପଢ଼ନ୍ତି ବେଦ
ଜନ ଗହଳେ ଚହୁଁ ପଶି । ଦେଖି ବର କନ୍ୟାକୁ ତୋଷି
ସମସ୍ତେ ଧନ୍ୟ ଧନ୍ୟ କଲେ । ବଡ଼ ଉତ୍ସବ କରାଇଲେ
ବନ୍ଧୁ କୁଟୁମ୍ବ ଲୋକଜନ । ଭୋଜନ କଲେ ମିଷ୍ଟ ଅନ୍ନ
ସେଦିନ ରଜନୀ ପାହିଲା । ରବି କିରଣ ପ୍ରକାଶିଲା
ସାତ ଭାଇଙ୍କି ଅଣାଇଲା । ବରଣ୍ଡ ସାଧବ ଉଠିଲା
ବୋଇଲା ମେଲଣି ଅମ୍ଭଙ୍କୁ । ବହନ ଦିଅ ହେ ଯିବାକୁ
ଶୁଣି ତନୟ ସାଧୁ ସୁତେ । ଉଦ୍ୟମ କଲେ ଯିବା ଅର୍ଥେ
ସଜ କରିଣ ଗଜଦୋଳା । ବସାଇ ତଅପୋଇ ବାଳୀ
ସୁବର୍ଣ୍ଣ ସୁନ୍ଦ ଘରେ ଥିଲା । ସାଧବ ବେଗେ ଅଣାଇଲା
ଉପରେ ଟଣାଇଲା ସେହୁ । ଦେଖି ଆନନ୍ଦ ତଅପୋଇ
ଚନ୍ଦ୍ରକୁ ଦେଖି ଯେସନ୍ତେ ଚାଗ । ଅତି ସୁନ୍ଦର ଦିଶେ ଶୋଭା
ଦେଖିଣ ନଗ୍ର ନାରୀମାନେ । ବୋଲନ୍ତି ଧନ୍ୟ ତୋ ଜୀବନ
ସାତ ଭାଇରେ ତଅପୋଇ । ବଳେ ମୂର୍ଚ୍ଛାନ୍ତି କେହି ନାହିଁ
ଭାଉଜ ଦେଖି ନ ପାରିଲେ । ଏହାର ଲାଗି ଦୂର ହେଲେ
ସାନ ଭାଉଜ ନଣନ୍ଦର । ବଡ଼େ ହେ ଚହୁଁ ଅଭ୍ୟନ୍ତର

କେମନ୍ତେ ମୁଁ ଛାଡ଼ିବ ଏହାଙ୍କୁ । ଆସିବା ଯାଏ ତା ଘରକୁ
ଏମନ୍ତ ଶୁଣି ତଅପୋଇ । ଦେଖି ନୟନୁ ଲୁହ ବୋହି
ଭାଉଜ କାନ୍ଦେ ଶୋକଭରେ । ଲୁହ ପୋଛୁଣ ଦେନ୍ତି କରେ
ସାହି ପଡ଼ିଶା ଯେତେ ଥିଲେ । କାନ୍ଦଣ ପ୍ରବୋଧନ କଲେ
ଏମନ୍ତ ସୈନ୍ୟ ସଜ ହେଲେ । ଯେ ଯାହା ବାହାନ ଚଢ଼ିଲେ
ବରକୁ ସୁବେଶ କରାଇ । ପାଲିଙ୍କି ଉପରେ ବସାଇ
ଆଗରେ ଗଲେ ତଅପୋଇ । ପଛରେ ବର ଚଳ ଯାଇ
ତଅପୋଇର ସାତ ଭାଇ । ପାଞ୍ଚୋଟି ଖଣ୍ଡେ ଦୂର ଯାଇ
ବରଣ୍ଡ ସାଧବକୁ କହି । ଯେ ଯାହା ଭୂଷଣ ମାନ୍ୟ ଦେଇ
ଲେଉଟି ଘରକୁ ଆଇଲେ । କନ୍ୟା ଘେନିଣ ସେତୁ ଗଲେ
ଯାଇଣ ମିଳିଲେ ରାଜ୍ୟରେ । ଶୁଣ ହେ ଏଥୁ ଅନନ୍ତରେ
ଚଉଠି ସାତ ଯେ ମଙ୍ଗଳା । ଏ ରୂପେ ସବୁ ଯେ ବଢ଼ିଲା
ଏମନ୍ତେ ଶ୍ରୀକୃଷ୍ଣଙ୍କ ବାଣୀ । ରୁକ୍ମଣୀ ସତ୍ୟଭାମା ଶୁଣି
ବୋଲନ୍ତି ଶୁଣ ଦେବଦେବ । ସେତ ସ୍ୱର୍ଗର ଅପସରୀ
ସାଧବ ଘରେ ସେ ରହିଲା । କେମନ୍ତ ସ୍ୱର୍ଗକୁ ସେ ଗଲା
କହନ୍ତି କମଳ ଲୋଚନ । ଶୁଣ ଗୋ ରମଣୀ ବଚନ
ସେ ତପସେନ ସ୍ୱର୍ଗପୁରେ । ଖେଳଇ ବସି ଇନ୍ଦ୍ରଘରେ
ଜକଟ ଦିନ ଆସି ହୋଇ । ଷୋଳ ବରଷ ପୂରି ନାହିଁ
ଏମନ୍ତ ସମୟେ ଚନ୍ଦ୍ରଙ୍କ । ଇନ୍ଦ୍ରକୁ ବୋଇଲା ଶୁଣ ଦେବ
ଏବେ ମୁଁ କରିବି କେମନ୍ତ । ବୁଝିର କହ ଶଚୀନାଥ
ଇନ୍ଦ୍ର ବୋଇଲେ ତପସେନ । ଷୋଳ ବରଷ ଯେଉଁ ଦିନ
ସମ୍ପୂର୍ଣ୍ଣ ହୋଇବଟି ଯେବେ । ବିମାନ ଘେନିଯିବୁ ତେବେ
ବସାଇ କରି ତୋର ନାରୀ । ମଞ୍ଜୁ ଆଣିବୁ ସ୍ୱର୍ଗପୁରୀ
ଶୁଣିଣ ଇନ୍ଦ୍ରର ବଚନ । ଗନ୍ଧର୍ବ ଚଳିଆଇ ଦିନ
ଷୋଳ ବରଷ ପୂର୍ଣ୍ଣ ହେଲା । ବିମାନ ଘେନ ସେ ଚଳିଲା
ପୁଷ୍ପ ବିମାନ ଆକାଶରେ । ରହିଣ ଥିଲା ସେ ପୁରରେ

ଦେଖ ଏ ଦଇବର ଗତି । ଯେ ଯାହା କର୍ମ ସେ ଭୁଞ୍ଜନ୍ତି
ତଅପୋଇକି ନେବା ପାଇଁ । ଗନ୍ଧର୍ବ ଅସିଥିଲେ ତହିଁ
ସାତମଙ୍ଗଳା ବଧି ସାରି । ଅଷ୍ଟମଙ୍ଗଳା ବଧି କରି
ତଅପୋଇକି ଘେନି ସଂଗେ । ବସାଇ ଗଜଦନ୍ତ ରଥେ
ସରଗୁ ଦେବଗଣ ସମସ୍ତ । ଶୂନ୍ୟେ ଦେଖିଲା ତାଙ୍କ ପଥ
ଆସିଣ ପଥ ଓଗାଳିଲେ । ସବୁଙ୍କୁ ସଜଡ଼ାଇ ଦେଲେ
ତଅପୋଇକି ନେଇଯାଇ । ପୁଷ୍ପକ ବିମାନେ ବସାଇ
ସ୍ୱର୍ଗରେ ଯାଇଣ ମିଳିଲେ । ଇନ୍ଦ୍ର ଛାମୁରେ ଜଣାଇଲେ
ମାନବ ରୂପ ତାର ଗଲା । ଦେବ ଶରୀର ପ୍ରକାଶିଲା
ଆନନ୍ଦ ହୋଇ ଦେବ ଜନେ । ସୁଖେ ରହିଲେ ସ୍ୱର୍ଗ ସ୍ଥାନେ
କହଇ ଶିଶୁ ଗୋପୀନାଥ । ଭଜଇ ଶଙ୍ଖ ଚକ୍ର ହସ୍ତ

ଇତି ଶ୍ରୀକୃଷ୍ଣ ସତ୍ୟଭାମା ଉକ୍ତୋ ତଅପୋଇ ବିବାହ ଓ ସ୍ୱର୍ଗଗମନ ଚତୁର୍ଥ ଅଧ୍ୟାୟ ।

## ପଞ୍ଚମ ଅଧ୍ୟାୟ

ଏଥ ଉପରୁ ଏବେ ଶୁଣ । କହିବା ତହିଁର ବିଧାନ
ଯହୁଁ ସେ ତଅପୋଇ ବାଳ । ସ୍ୱର୍ଗ ଭୁବନେ ଗଲା ଚଳି
ଦେଖି ତାହାର ବନ୍ଧୁ ଜନେ । ଚକିତେ ଚାହିଁଲେ ଗଗନେ
କହନ୍ତେ ସମସ୍ତେ ଶୁଣିଲେ । ବହୁତ ଜନ ମେଳ ହେଲେ
ଦୂରରୁ ଶୁଭିଲା ଶବଦ । ସକଳେ ହୋଇଲେ ନିର୍ବେଦ
ଭୁଲି ଅନେକ ଜନମାନେ । ବିସ୍ମୟ କଲେ ମନେ ମନେ
ବୋଇଲେ ସ୍ୱର୍ଗ ଅପସରୀ । ମର୍ତ୍ତେ ଜନ୍ମିଲା ଦେହ ଧରି
ଭୋଗ ସରନ୍ତେ ସେହୁ ଗଲା । ସ୍ୱର୍ଗରେ ଯାଇଣ ବସିଲା
ଶୁଣି ତନୟ ସାଧୁ ସୁତ । ବୋଇଲେ ଏ କଥା ଉଚିତ
ଯେବେ ସେ ଦେବତା ଦୁହିତା । ସ୍ୱର୍ଗର ବୃନ୍ଦ କି ମାଗନ୍ତା
ଏମନ୍ତ ଶୁଣି ତହୁଁ ଗଲେ । ନିଜ ଭୁବନେ ପ୍ରବେଶିଲେ
ସେ ସାତ ଭାଇ ମେଳ ହୋଇ । ଭାବନ୍ତି ଏକମନ ହୋଇ
ବୋଲନ୍ତି ଦେବତାର ମାୟା । କେ ଅବା ଜାଣିଥିଲା ଏହା
ନ ବୁଝି ଆମେ ଏତେ ସରି । କୁଳବଧୂଙ୍କୁ ଦୂର କରି
ନାସିକାମାନ କଟାଇଣ । ସଗଡ଼ ଦେଲୁଇ ଭକ୍ଷଣ
ଛଗଣ ହୋଇ ଚଳାଇଲେ । କେ କାହିଁ ପ୍ରାଣ ଯେ ହାରିଲେ
ଏବେ କରିବା ଆମ୍ଭେ କିସ । ସବୁ ମରିବା ଖାଇ ବିଷ
ଧନ ସମ୍ପଦ ଅକାରଣ । ଦଇବ ଦେଲା ସେ କଷଣ
ମାତା ପିଅର ଆସୁ ମଲେ । ଆସୁ କଷଣ ନ ଦେଖିଲେ
କହିଣ ବଚନ ଦୁରନ୍ତ । ନୟନୁ ଲୋତକ ଢାଳନ୍ତି
ଏମନ୍ତେ ଗଲା କେତେ ଦିନ । ଦୁଃଖିତ ହେଲେ ଅନୁକ୍ଷଣ
ବହୁତ ବୋଇଲା କଷଣ । ଜଗତେ ଶୁଭିଲା ଘୋଷଣା
ସାଧବ ପୁତ୍ର ହୋଇ କରି । ଭାରିଯା ଦେଲୁ ଦୂର କରି
ଏବେ ପାଇଲେ ଏତେ ଦୁଃଖ । ହୋଇଲେ ଅତିହିଁ ନିରେଖ
ସେ କୁଳ ବଧୂମାନେ ଥିଲେ । ସମସ୍ତେ ବାରତା ପାଇଲେ
ଶୁଣିଣ ହୋଇଲେ ଉଦିତ । ବଦନ ଲେଶି ଟଳିଲେ ଦୂତ
ଯେ ଯାହା ଅନୁରୂପେ ଗଲେ । ସାଧବ ମନ୍ଦିରେ ମିଳିଲେ
କହିଲେ ସକଳ ବିଧାନ । ଶୁଣି ହୋଇଲେ ତୋଷ ମନ
ସକଳ ବଧୂ ଘରେ ଗଲେ । ଶାଶୁସାମାନଙ୍କୁ ଦେଖିଲେ
ଦେଖିଣ କଲେ ସେ ରୋଦନ । ବହଇ ଅଶ୍ରୁ ଘନ ଘନ
ସକଳ କଥା ମାନ ନେଇ । ବହୁତ ହେଲେ କୁହାକୁହି
ବୋଇଲେ ଅସ ଯିବା ସରି । ନାହିଁ ସେ କଲେ ଦାସୀ ବର
ବହୁତ କଷ୍ଟରେ ଅଇଲେ । ଯେ ଯାହା ସୁଖେ ରାଜ୍ୟ କଲେ
ଧନ ବସନ ରତ୍ନମାନ । ବହୁତ ବଟେସ୍ର କଲେ ଦାନ
ପୁତ୍ର ଦୁହିତା ହେଲେ ଜାତ । ଏମନ୍ତେ ବଂଶ ଅଗ୍ରମିତ
ସେହି ସାଧବ ବୋହୂ ଯେତେ । ଏ ଓଷା କଲେକ ସମସ୍ତେ
ଭାଦ୍ରବ ମାସ ରବିବାର । ଖୁଦୁରୁକୁଣୀ ଆଦ୍ୟ ସାର
ସେଦିନ ଉପବାସ କରି । ମଙ୍ଗଳା ଦେବୀଙ୍କୁ ସୁମରି
ଓଷା ମଣ୍ଡଳ ସତ୍ୟ କଲେ । ଚନ୍ଦନରେ ସଭନେ ଲିପିଲେ
ମଙ୍ଗଳା ଦେବୀ ରୂପ ଦେଖି । ସମସ୍ତେ ମାନ୍ୟ କଲେ ଦେଖି ।

ଶୀତ ବୋଇତ ଯେ ଦେଖିଲେ । ସ୍ୱାତ ସାଧବ ବସାଇଲେ
ତଅପେ ଛଳ ମଙ୍ଗ କୋଣେ । ଦେଖି ହସିଲେ ଜଣେ ଜଣେ
ବୋଇଲେ ଏପରି ସୁନ୍ଦରୀ । ନାକ କାଟିଲା ସବୁଙ୍କର
ସାତବୋହୂର ପ୍ରୀତି ଯିବା । ସ୍ୱାମୀମାନଙ୍କର ଦୁର୍ଦ୍ଦଶା
କେ ବୋଇଲେ ନଦେ ଆମ୍ଭର । କରିଛୁ ଯେତେ ଉପକାର
କେ ବୋଲେ ବୋଇତରେ ବସିଲା । କେ ବୋଇଲେ ତେଲ ରଖିଥିଲା
କେ ବୋଲେ ଘର ମୁଷାମାଟି । ବନସ୍ତେ ଖାଉଥିଲା ଖଣ୍ଡି
ପଞ୍ଚଶ ଲୁଣ ଏ ଖାଇଲା । ତେଣୁଟି ସ୍ୱାମୀଙ୍କି କହିଲା
କେହୁ ବୋଲିଲେ ଏହିଠାରେ । ଶାଶୁଣ ଭୁଲିଛି ଦେଉଳରେ
ସୁଣି ହୁଁ ନକ ଯେ କାଟିବ । ଆମ୍ଭଙ୍କୁ ବଳେ ବନାଶିବ
ଏମନ୍ତ ପରିହାସ କରି । କହନ୍ତି ସାଧବର ନାରୀ
ତହୁଁ ଉଠିଲୁ ସର୍ବେ ଗଲେ । ଯେସାହା ବଧୂ ଯେ ଆଣିଲେ
ବିବିଧ ଫୁଲମାଳ ମାନ । କର୍ପୂର କସ୍ତୁରୀ ଚନ୍ଦନ
ଅଗୁରୁ ଧୂପ ଦୀପାବଳୀ । ବନାଇ ଦେଲେ ହୁଳହୁଳି
ଶ୍ରୀଫଳ ଆଦି ଯେତେ ଫଳ । ଖାଇବା ମନା ଯେ କଦଳ
ଭକତ୍ରା ମୁଆଁ ଠୁଳ କରି । ସୁଙ୍ଗତାମାନଙ୍କରେ ଭରି
ଦେଇଣ ମଙ୍ଗଳା ପୂଜିଲେ । ଆନନ୍ଦେ ହୁଳହୁଳି ଦେଲେ
ଉଠିଣ ଗଲେ ଯେଝା ଘରେ । ଆସି ମିଳିଲେ ପ୍ରଭାତରେ
ଏମନ୍ତ ବ୍ରତ ପାଳ କରି । ଗ୍ରାତସ୍ଥାନକୁ ତହୁଁ ସାରି
ପଥେ ଆସନ୍ତେ ହୁଳ ହୁଳ । ବଜାନ୍ତି ନଗାର ଦୁନ୍ଦୁଭୀ
ଯାହାର ଯେ ଇଚ୍ଛା କଳ୍ପନା । ମଙ୍ଗଳା ନାମ ସୁମରଣା
କହନ୍ତି ଯେଝା ମନ ଜାଣି । ଦୟା କରନ୍ତି ଠାକୁରାଣୀ
ଦେଖିଲ ଗୋପିନାଥ ଦାସ । ଏ ତଅପୋଇ ଗୀତ ଶେଷ
କହନ୍ତି ପ୍ରଭୁ ପୀତବାସ । ରୁକ୍ମଣୀ ସତ୍ୟଭାମା ତୋଷ

ଇତି ଶ୍ରୀ ରୁକ୍ମଣୀ ସତ୍ୟଭାମା ଉକ୍ତି ସାଧବ ପୁତ୍ର ବଧୂ
ସ୍ୱସ୍ଥାନ ଗମନଂ ନାମ ପଞ୍ଚୋମାଧ୍ୟାୟ ।

## ଫୁଲତୋଳା ଗୀତ

ପ୍ରଭାତରୁ ଉଠି ବାଳକମାନେ । ମଙ୍ଗଳାମାତାଙ୍କୁ ସୁମରି ମନେ
ନେଇ ଦୂଲ ଆଦି ତମ୍ବା ଗଡ଼ୁଆ । ସୁପ୍ରଭାତ ସହ ସକଳେମିଳି
ଡାକହାକହୋଇ ସରିବେଗଲେ । ଆନନ୍ଦମନରେ ଫୁଲତୋଳିଲେ
ସ୍ନାହାନ କମନ୍ତେ ନଗ୍ରୂପଇ । ସ୍ନାନସାରିମନେ ମଙ୍ଗଳାଧ୍ୟାୟୀ
ଓଦାବସ୍ତ୍ରେ ନଅକୂଳରେ ବସି । ବାଲୁକାପ ଲିଙ୍ଗ ବାଳକମିଶି
ହସ ହସ ହୋଇ ଗୃହେହେ ଫେରିଲେ । ବସୁପାଳିଙ୍କି ଫୁଲଗୁନ୍ଥିଲେ
ଭକ୍ତି ମଦାର ଅଶୋକା ପାନ । ଭଙ୍ଗଣୀ ମଲ୍ଲୀ ସୁଗନ୍ଧ ପୁଷ୍ପ
କାଠଚମ୍ପା ଭରଙ୍ଗଣ ବକୁଳ । ଚମ୍ପାକ କେନ୍ଦୁରି କଇଁମାନ
ସର୍ବଜାତୀ ଫୁଲ ଭଜାଅରକୁ । ମିଶାଇ ଗୁନ୍ଥିଲେ ଫୁଲମାଳକୁ
ପୂଜାଘରଦ୍ୱାରେ ଅତିଯତନେ । ଭୋଗସାମଗ୍ରୀକୁ ରଖି ସୁମନେ
ମଙ୍ଗଳାଙ୍କ ପାଶେ ବସିଣ ବାଳୀ । ମନବାଞ୍ଛା ନିବେଦନ ଯେକରି
ଆଦରି ବସିଲେ ପୁରଜନ । ପାଞ୍ଚପାଳିଓଷା ହୋଇଲା ପୂର୍ଣ୍ଣ
ଯେଯାହାମନରେଥାଏ ବସିଲେ । ସେହିଅନୁରୂପେ ବର ଲଭିଲେ
ହୁଳହୁଳି ଦେଇ ଆନନ୍ଦମନେ । ଚଳିଲେପେ ଯାହାନିଜସ୍ୱଭବନେ
ମଙ୍ଗଳା ମାତାଙ୍କ ପାଦପଦ୍ମରେ । ଗୋପିନାଥଦାସ ରହୁନିତ୍ୟରେ

*

**

—ସମାପ୍ତ—

## *khudurukuNI - taapoi*

*On the Sundays of the month of Bhadrab (Aug-Sept) this festival is observed by the unmarried girls of the business community of the coastal districts of Orissa. During the festival Goddess Durga is propitiated Khude Bhaja (Left out particles of rice that are fried), Kantiali Kakudi (Cucumber having little thorns on it), Lia (fried paddy), Ukhuda(fried paddy sweetened by molasses) and coconut are the food-offerings given to the deity. However, the principal food-offering is Khuda which is said to be the favourite of the Goddess. Therefore, the festival is named as "Khudarankuni" or popularly 'Khudurkuni' which means one who is very eager for khuda.*

*In the early morning the girls go out collecting flowers required for the ritual. The varieties are Kaniara, Godibana, Tagara, Malati, Champa, Mandera and Kain. Then they go to nearby rivers and tanks to have purificatory bath. After this they build tiny temples of earth or sand and decorate the same with flowers. Paying obeisence to the deity there, they return to their respective homes. They take two and half mouthfuls of boiled rice mixed with water without adding salt. Then salt is added. The significance of this act is not known. After this the, whole day is spent in making garlands and decorating the image of the Goddess.*

*In villages generally the deity is worshipped in the Dhinkisala or the place where caddy is pounced. This place is plastered neatly with cow-dung and the image of the deity is installed. The floor is painted with floral despins known as Jhoti or Alpana. Garlands are made to hang like arches. The whole day passes with the arrangement and the rituals of worship commence in the evening.*

*After the ritual, are over the girls recite musically the episode of Taapoi which is now available in print. Eariler this was handed down by oral tradition. The first episode 'Malasri' recounts the killing of the demon by Durga. It is said, that Mahisasura, the terrible demon became atrocious by getting a boon from Brahma, the creator. Not only the mankind, but also the Gods got panicky. He became so powerful that even Gods couldn't kill him. Then all the Gods conferred and went to request the Goddess of power to kill the demon. Durga agreed and assuming the form of a beautiful damsel went to Vindhya mountain to pretend penancing. Mahisasura, while out on hunting, noticed the beautiful damsel and immediately offered to marry her. The damsel answered that she would only marry that person who would defeat her in duel. Mahisasura being confident of his power soon agreed to the proposal. A fierce 'duel' ensued between them; with all her enargy the damsel thrusted a trident violently to the chest of the demon who was killed. Thus, Durga redeemed the world from the fear and atrocity of the demon. It is, therefore, believed that the girls worship Durga to be powerful like Her, to fight evil forces for the goodof the human race.*

*The second episode 'Taapoi', is a legendary account of the sufferings and success of a Sadhab (Sea trader) girl. It also reminds us of the maritime glory of ancient Orissa, when there was sea-borne trade with south-east islands of Java, Bali, Sumatra etc. The Sadhabas of Orissa were a prosperous community who had trade-links with many countries.*

*According to this tale, there were seven brothers in a prosperous Sadhaba family. Taapoi was their only sister who was also the youngest. Obviously they bestowed their love and affection on her lavishly. Whatever she wished immediately her demands were fulfilled. One day the little girl was playing with her friends with a winnow, made out of bamboo strips. A Brahmin widow of wicked nature scoffed at this. Being hurt the girl demanded a golden winnow to play and it was given. Again she demanded a moon of Gold. When it was half done her father died. When it was completed her mother died. By that time the family also became poor. The seven brothers then set out on their voyage to distant lands for trading and while leaving left clear instructions to their respective wives to take special care of their lovely sister.*

*Soon after the brothers left the seven wives fell on the bad counsel of the Brahmin widow who impressed upon them that the cause of their poverty is the girl for whom they were so lavish. Soon they changed their attitude. She was not given good food or clothes. She was made to live on khuda (left out rice particles) and was engaged to watch goats in the jungle. Inspite of unbearable torture she waited patiently for her brothers to return. The youngest sister-in-law was kind to her, but couldn't come to her rescue because of the six others.*

*Amidst all sufferings Taapoi held her morale high. All the while she was praying Durga (Mangala) for the safe return of her brothers. She worshipped the Goddess along with other girls and offered khuda as she had nothing else. Her sincere and devotional prayer yielded fruit and her brothers returned safely. They landed on the shore at night and while resting on the vessel they heard the wailing sound of a girl. Being curious as to who was crying they searched the area and found to their utter dismay, that she was none else than their dear sister. As the pet goat 'Gharamani' was missing, she was driven out by the in-laws and without being able to find the goat she was helplessly crying. Seeing her brothers, her joys knew no bounds. The brothers heard all about her plight at the hands of their wives. To punish them they asked their sister to cut their noses. But, their noses were restored when she again prayed the Goddess. Then all of them went happily home.*

*These two episodes set two ideals before the girls who observe the festival. One is to be courageous like Durga to fight evil forces and the other to be like Taapoi to bear all sufferings patiently to come out successful in life.*

*The idols of Durga are then immersed in rivers and tanks and this marks the closing of the festival.*

odia.org

ଓଡିଆ ଘର ଏବଂ ଓଷା ଉପାସ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ ଓଡିଶା ବାହାରେ ରହୁଥିବା ଓଡିଆ ମନଙ୍କର ଓଷା ଓ ବ୍ରତ ପାଳନ କରିବାକୁ ଇଛା ଥିଲେହେଁ, ପୁସ୍ତକର ଘୋର ଅଭାବ ଯୋଗୁଁ ଏ ସଂସ୍କୃତି ଲୁପ୍ତପ୍ରାୟ । ଏଣୁ ଏ ସମସ୍ତ ପୁସ୍ତକ ଯୋଗାଇବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।

ଏଥିଯୋଗୁଁ ଓଷା ଓ ବ୍ରତ ପାଳନ କରିବାକୁ ଅନେକ ଓଡିଆ ଆଗଭର ହେବେ ଏବଂ ଆମର ସଂସ୍କୃତିର ସୁରକ୍ଷାଦିଗରେ ସତତ ଚେଷ୍ଟା କରିବେ । ଏହାହିଁ ଆମର କାମ୍ୟ ।

- ଓଡିଆ ଡଟ୍ ଅର୍ଗ ପରିବାର



ଆସନ୍ତୁ, ପାଦେ ଆଗେଇବା